ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୭ ● ୧୫ ଜୁନ୍ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-137 ● 15th June 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



୬ ଡବ୍ଲ୍ୟୁଟିସି ଫାଇନାଲ : ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଚାମ୍ପିଅନ ହେଲା ଦକ୍ଷିଣ ଆଫ୍ରିକା




## ସରକାରଙ୍କ ବଡ଼ ନିଷ୍ପତ୍ତି

# ଓଡ଼ିଶାରେ ସମସ୍ତ ସରକାରୀ ସେବା ପାଇଁ ଆଧାର ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ସରକାରୀ ସେବା ବିତରଣକୁ ସୁବ୍ୟବସ୍ଥିତ କରିବା ଏବଂ ଏହି ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ କରିବା ଦିଗରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭିନ୍ନ ସରକାରୀ ଯୋଜନାର ସେବା ଏବଂ ଆଧିକାରିକ ପ୍ରମାଣପତ୍ର ପାଇବା ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବିଭିନ୍ନ ଅତ୍ୟାବଶ୍ୟକୀୟ ଦସ୍ତାବିଜ୍ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କ ପାଇଁ ଆଧାର ଏବେ ଏକ




ବାଧ୍ୟତାମୂଳକ ଆବଶ୍ୟକତା ହେବ।

ଏହି ନିଷ୍ପତ୍ତି ସେବା ବିତରଣ ପ୍ରକ୍ରିୟାକୁ ସରଳ କରିବା, ପରିଚୟ ଯାଞ୍ଚ ମାଧ୍ୟମରେ ପ୍ରାମାଣିକତା ନିଶ୍ଚିତ କରିବା ଏବଂ ଆଧାର ମାଧ୍ୟମରେ ହିତାଧିକାରୀଙ୍କ ଯୋଗ୍ୟତା ଯାଞ୍ଚ କରି ସିଧାସଳଖ ଲାଭ ହସ୍ତାନ୍ତରଣକୁ ସହଜ କରିବା ଲକ୍ଷ୍ୟରେ ନିଆଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ ଏବେ ଠାରୁ ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର, ଜମି ରେକର୍ଡ ସମ୍ବନ୍ଧୀୟ କାଗଜପତ୍ର ଏବଂ ନିବନ୍ଧନ ଦସ୍ତାବିଜ୍ ଭଳି ଗୁରୁତ୍ୱପୂର୍ଣ୍ଣ କାଗଜାତ୍ ପାଇଁ ଆବେଦନକାରୀଙ୍କୁ ନିଜର ଆଧାର କାର୍ଡ ଦାଖଲ କରିବାକୁ ହେବ। ଏହି ପଦକ୍ଷେପ ଏଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ରେକର୍ଡ ଜାରି କରିବାରେ ଅଧିକ ଦକ୍ଷତା ଓ ସ୍ୱଚ୍ଛତା ଆଣିବ ବୋଲି ଆଶା କରାଯାଉଛି।

ଓଡ଼ିଶା ସରକାର ଆଧାର ବ୍ୟବସ୍ଥାର ଉପଯୋଗ କରି ଡୁପ୍ଲିକେସନ ଦୂର କରିବା ଏବଂ ମଧ୍ୟସ୍ଥିଙ୍କ ବିନା ଲାଭ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

ଏହି ନୀତିକୁ ଅପହଞ୍ଚ ଏବଂ ଗ୍ରାମୀଣ ଅଞ୍ଚଳରେ ମଧ୍ୟ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ପାଇଁ ରାଜସ୍ୱ ବିଭାଗ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓସିଏସି) ଏବଂ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର (ଏନଆଇସି) *(ପୃଷ୍ଠା ୭ରେ)*

# ଅହମ୍ମଦାବାଦ ବିମାନ ଦୁର୍ଘଟଣା : କେନ୍ଦ୍ର ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି ଗଠିତ

**ନୂଆଦିଲ୍ଲୀ, ୧୪।୬**

ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ପ୍ରକାଶ କରିଛନ୍ତି। ଶନିବାର ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଏହି କମିଟିର ଅଧ୍ୟକ୍ଷ ଗୃହ ସଚିବ ରହିବେ।



ମନ୍ତ୍ରୀ କହିଛନ୍ତି ଯେ ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ତଦନ୍ତ ପାଇଁ ସ୍ୱତନ୍ତ୍ର ଭାବେ ଗଠିତ ବିମାନ ଦୁର୍ଘଟଣା ଅନୁସନ୍ଧାନ ବ୍ୟୁରୋକୁ ନିୟୋଜିତ କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏଏଆଇବି ବିମାନର ବ୍ଲାକ ବକ୍ସ ଉଦ୍ଧାର କରିଛି ଯାହା ଦୁର୍ଘଟଣା ସମୟରେ କିମ୍ବା ଦୁର୍ଘଟଣାର କିଛି ସମୟ ପୂର୍ବରୁ ପ୍ରକୃତରେ *(ପୃଷ୍ଠା ୭ରେ)*

# ୨୦ରେ ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ’

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ଏକ ବର୍ଷ ଶାସନ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ଆୟୋଜିତ ହେବାକୁ ଥିବା ଏକ ବଡ ଧରଣ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବା ସହ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିଦିନ ପ୍ରଧାନମନ୍ତ୍ରୀ ଅପରାହ୍ଣରେ ବିମାନ ବନ୍ଦରରେ ପହଞ୍ଚି ପ୍ରଥମେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ପରେ ରୋଡ ଶୋ’ରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବିମାନ ବନ୍ଦର ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜନତା ମଇଦାନରେ ପ୍ରଧାନମନ୍ତ୍ରୀ



ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଭିନ୍ନ ନୂତନ ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡା ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ସ୍ଥିର ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅନେକ ନୂଆ ଯୋଜନା ଘୋଷଣା କରିପାରନ୍ତି । ଏଥିରେ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା ବି ଘୋଷଣା ହୋଇପାରେ। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କର ବିଶେଷ ଆଗ୍ରହ ରହିଛି। ଯେଉଁଥିପାଇଁ ଗୋଟିଏ ବର୍ଷରେ ସେ ଷଷ୍ଠ ଥର ଓଡ଼ିଶା ଆସୁଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି।

ଜନତା ମଇଦାନରେ ଆୟୋଜିତ ସମାବେଶରେ ପ୍ରଧାନମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଓଡ଼ିଶାର ସମସ୍ତ ମନ୍ତ୍ରୀ ଉପସ୍ଥିତ ରହିବେ। ବର୍ଷ ପୂର୍ତ୍ତି ସମାରୋହକୁ ସଫଳତାର ସହ ସଂପନ୍ନ କରିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତି ଜାରି ରହିଛି।

## ଶହୀଦଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ଝାଡଖଣ୍ଡ ସୀମାରେ କମ୍ବିଂ ଅପରେସନ ବେଳେ ଆଇଇଡି ବିସ୍ଫୋରଣରେ ସିଆରପିଏଫ୍‌ର ଏଏସଆଇ ସତ୍ୟବାନ୍ ସିଂହଙ୍କ ବଳିଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶା–ଝାଡଖଣ୍ଡ ସୀମାରେ କମ୍ବିଂ ଅପରେସନ ବେଳେ ଆଇଇଡି ବିସ୍ଫୋରଣରେ ସିଆରପିଏଫ୍‌ର ଏଏସଆଇ ସତ୍ୟବାନ୍ ସିଂହଙ୍କ ବୀରତ୍ୱପୂର୍ଣ୍ଣ ବଳିଦାନ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ଦେଶ ସୁରକ୍ଷାରେ ନିଜ ଜୀବନ ଉତ୍ସର୍ଗ କରି ସେ ସେବା ଓ ସାହସର ଉଚ୍ଚତମ *(ପୃଷ୍ଠା ୭ରେ)*

## ନିଟ୍-ୟୁଜି ମେଡିକାଲ ପ୍ରବେଶ ପରୀକ୍ଷା ଫଳାଫଳ ପ୍ରକାଶ : ରାଜସ୍ଥାନର ମହେଶ କୁମାର ଟପ୍ପର

**ନୂଆଦିଲ୍ଲୀ, ୧୪।୬**

ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ) ଶନିବାର ଦିନ ଜାତୀୟ ପାତ୍ରତା ସହ ପ୍ରବେଶ ପରୀକ୍ଷା (ନିଟ୍) ୟୁଜି ୨୦୨୫ର ଫଳାଫଳ ଘୋଷଣା କରିଛନ୍ତି । ରାଜସ୍ଥାନର ମହେଶ କୁମାର ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଏନଟିଏ ମେ ୪ ତାରିଖରେ ୫୫୨ଟି ଭାରତୀୟ ସହର ଓ ଦୁବାଇ, ଦୋହା, ସିଙ୍ଗାପୁର ଓ କାଠମାଣ୍ଡୁ ସହିତ ୧୪ଟି ଅନ୍ତର୍ଜାତୀୟ ସ୍ଥାନରେ ମୋଟ ୫,୪୬୮ଟି ପରୀକ୍ଷା କେନ୍ଦ୍ରରେ ନିଟ୍ ୟୁଜି ୨୦୨୫ ପରୀକ୍ଷା ଆୟୋଜିତ କରିଥିଲା। ଏଥର ମେଡିକାଲ୍ ପ୍ରବେଶ ପରୀକ୍ଷାରେ ୨୨,୦୯,୩୧୮ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ।

ଏନଟିଏ ଅନୁସାରେ, ଏବର୍ଷ ୧୨.୩୬ ଲକ୍ଷରୁ ଅଧିକ *(ପୃଷ୍ଠା ୭ରେ)*

# ଡାଇରିଆ ସ୍ଥିତି ନିୟନ୍ତ୍ରଣାଧିନ : ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ଡାଇରିଆ ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି। ଶନିବାର ବିଭିନ୍ନ ହସ୍ପିଟାଲରେ ନୂଆ ରୋଗୀଙ୍କ ଆଡମିଶନ ସଂଖ୍ୟା ବହୁ ପରିମାଣରେ କମିଛି ଏବଂ ନୂଆ ଅଞ୍ଚଳ କଲେରାରେ ପ୍ରଭାବିତ ହୋଇଥିବାର ସୂଚନା ମିଳିନାହିଁ। ଶୁକ୍ରବାର ସୁଦ୍ଧା ଯେଉଁମାନେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ବଡ଼ ମେଡିକାଲରେ ଆଡମିଶନ ହୋଇଥିଲେ ସେମାନେ ଧିରେ ଧିରେ ଆରୋଗ୍ୟ ଲାଭ କରି ଘରକୁ ଫେରୁଛନ୍ତି । ଭଦ୍ରକ ଓ କଟକ ଜିଲ୍ଲାରେ କାଁ ଭାଁ କେତେକ ଘଟଣା ଘଟିଥିଲେ ମଧ୍ୟ ତାହା ସାଧାରଣ ଏବଂ ଗୁରୁତର ଜନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ହେଲଥ ଟିମ୍, ରାପିଡ୍ ଆକ୍ସନ ଟିମ୍ , ଜନସ୍ୱାସ୍ଥ୍ୟ ଟିମ୍‌କୁ ନେଇ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରୁଛି । ତୃଣମୂଳସ୍ତରୀୟ କର୍ମଚାରୀମାନେ ପୂର୍ଣ୍ଣ ସଜାଗ ଏବଂ ତତ୍ପରତାର ସହ କ୍ଷେତ୍ରସ୍ତରରେ



କାର୍ଯ୍ୟ କରୁଛନ୍ତି । ଚବିଶ ଘଣ୍ଟିଆ ଭିତିରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି ।

ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଏବଂ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ହସ୍ପିଟାଲ ମାନଙ୍କରେ ସଂକ୍ରମିତ ଲୋକମାନଙ୍କର ଚିକିତ୍ସା ତଦାରଖ କରିଥିଲେ। କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଅଧିକ ଲକ୍ଷ୍ୟଭେଦୀ କରିବା ନିମନ୍ତେ ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କ *(ପୃଷ୍ଠା ୭ରେ)*

## ପାଣି ପାଇଁ କଲେରା ହୋଇନି ପଞ୍ଚାୟତିରାଜ ମନ୍ତ୍ରୀ

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ପାଣି ପାଇଁ କଲେରା ହୋଇନାହିଁ। ଭୋଜି ଭାତରେ ଡିହାଇଡ୍ରେସନ ଯୋଗୁଁ ଏପରି ହୋଇଛି। ତଥାପି ଏହି ଘଟଣା ସାମ୍ନାକୁ ଆସିବା ପରେ ବିଭାଗ ଏହାର ତଦାରଖ କରୁଛି ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ସେ କହିଛନ୍ତି ଯେ ଆନନ୍ଦପୁରରୁ କୋରେଇ, ବଡ଼ଚଣାରେ ପାଣିକୁ ଟେଷ୍ଟ କରାଯାଇଛି। ଯେଉଁ ସ୍ଥାନରେ ଲୋକମାନେ ଆକ୍ରାନ୍ତ ହୋଇଛନ୍ତି ତାହାର ଚାରି ପାଖରେ ଥିବା ନଳକୂପ କୂଅକୁ ବ୍ଲିଚିଂ ଦ୍ୱାରା ସଫା କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ କଲେରା ଘୋଷଣା କରିବା ପରେ କୂଅ ଓ ନଦୀ ପାଣିକୁ ବିଶୋଧନ ପାଇଁ ନିର୍ଦ୍ଦେଶକଙ୍କ ସହ ଆଲୋଚନା ହୋଇଛି। ୨୪ ହଜାର ନଳକୂପ ମଞ୍ଜୁର ହୋଇଥିବା ବେଳେ ୧୮ ହଜାର କାମ ସରିଛି। ଅବଶିଷ୍ଟ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରତ୍ନଭଣ୍ଡାର ମରାମତି କାମ ଶୀଘ୍ର ସାରିବାକୁ ଏଏସ୍ଆଇଙ୍କୁ ଚିଠି

**ପୁରୀ, ୧୪।୬ : ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାମ ଶୀଘ୍ର ସାରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଏଏସ୍ଆଇକୁ ଚିଠି ଲେଖିଛନ୍ତି । ରଥଯାତ୍ରା ସମୟରେ (ଆସନ୍ତା ଜୁନ ୨୮ ରୁ ଜୁଲାଇ ୬ ମଧ୍ୟରେ) ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି । ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରେ ଅଗ୍ରାଧିକାର ଭିତ୍ତିରେ କାମ ଶେଷ କରିବାକୁ କୁହାଯାଇଛି । ଶ୍ରୀମନ୍ଦିରର ଦୀର୍ଘମିଆଦୀ ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ଏପଟେ ରଥଯାତ୍ରାକୁ କିଭଳି ଶୃଙ୍ଖଳିତ ଭାବେ ଶେଷ କରାଯିବ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଥଯାତ୍ରା ପରିଚାଳନା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଦଇତାପତି, ସମସ୍ତ ବାଡଗ୍ରାହୀ ଓ ନିଯୋଗର ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।



# ୧୧ ମୃତକଙ୍କ ଡିଏନ୍ଏ ମେଳ ଖାଇଲା

**ଅହମ୍ମଦାବାଦ, ୧୪।୬**

ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ମୁସ୍କିଲ। ତେଣୁ ସେମାନଙ୍କ ପରିଚୟ ଜାଣିବା ଲାଗି ଡିଏନଏ ମ୍ୟାଚ କରାଇବାକୁ ପ୍ରଶାସନ ଉଦ୍ୟମ ଚଳାଇଛି । ଶନିବାର ସୁଦ୍ଧା ୧୧ ଜଣ ମୃତକଙ୍କ ଡିଏନ୍ଏ ମେଳ ଖାଇଛି। ଯାହାଫଳରେ ସେମାନଙ୍କ ପରିଚୟ ଜଣାପଡ଼ିଛି। ମୃତଦେହ ରଖାଯାଇଥିବା ଡାକ୍ତରଖାନାର ଅତିରିକ୍ତ ଅଧୀକ୍ଷକ ଡା. ରଜନୀଶ ପଟେଲ କହିଛନ୍ତି, ଶନିବାର ସୁଦ୍ଧା ୧୧ଟି ଡିଏନଏ ମେଳ ଖାଇଛି। ଗୋଟିଏ ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର



କରାଯାଇଛି । ରାତି ସୁଦ୍ଧା ଆଉ ୨ଟି ମୃତଦେହ ହସ୍ତାନ୍ତର କରାଯିବ । ଏହା ଏକ ଅତି ଧିମା ପ୍ରକ୍ରିୟା। ଏହାକୁ ଅତି ସାବଧାନତାର ସହିତ କରାଯାଉଛି । ଆଜି ଆଉ ଏକ ମୃତଦେହ ଉଦ୍ଧାର ହୋଇଛି । ବିମାନ ପଛଭାଗରେ ମୃତଦେହଟି ଲାଖି ରହିଥିଲା ବୋଲି ସେ କହିଛନ୍ତି।

# ସୁରକ୍ଷା ବାହିନୀଙ୍କ ଏନକାଉଣ୍ଟର: ୪ ନକ୍ସଲ ନିହତ

**ଭୋପାଳ, ୧୪।୬**

ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀଙ୍କୁ ବଡ଼ ସଫଳତା ମିଳିଛି । ପୁଲିସ ଏନକାଉଣ୍ଟରରେ ଚାରି ନକ୍ସଲ ନିହତ ହୋଇଛନ୍ତି । ଏହି ଏନକାଉଣ୍ଟର ପଚାମା ଦାଦରର ପାହାଡିଆ ଅଞ୍ଚଳରେ ହୋଇଥିଲା। ନିହତ ନକ୍ସଲଙ୍କ ମଧ୍ୟରେ ତିନି ଜଣ ମହିଳା ନକ୍ସଲ ଅଛନ୍ତି । ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରାଯାଇଛି। ଅଧିକ ନକ୍ସଲ ଥିବା ଆଶଙ୍କା କରି ଏହି ଅଞ୍ଚଳରେ ଏକ ସର୍ଚ୍ଚ ଅପରେସନ ଜାରି ରହିଛି।



ସ୍ୱତନ୍ତ୍ର ଡିଜି (ନକ୍ସଲ) ପଙ୍କଜ ଶ୍ରୀବାସ୍ତବ ଫୋନ ଯୋଗେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ କହିଛନ୍ତି, ବିଥାଲି ଥାନାର ପଚାମା ଦାଦରର ପାହାଡିଆ ଅଞ୍ଚଳରେ ଏକ ଏନକାଉଣ୍ଟରରେ ତିନି ଜଣ ମହିଳାଙ୍କ ସମେତ ଚାରି ଜଣ ନକ୍ସଲ ନିହତ ହୋଇଛନ୍ତି। ଗୋଟିଏ ହ୍ୟାଣ୍ଡ ଗ୍ରେନେଡ୍, ଗୋଟିଏ ରକେଟ ଲଞ୍ଚର, ଗୋଟିଏ ୩୧୫ ରାଇଫଲ ଏବଂ କାର୍ଟ୍ରିଜ ଉଦ୍ଧାର କରାଯାଇଛି। କିଛି ନକ୍ସଲ ଖସି ପଳାଇ ଯାଇଛନ୍ତି। *(ପୃଷ୍ଠା ୭ରେ)*

## ଗୋପାଳକୃଷ୍ଣ ପାତ୍ର ସିଏସଆଇଆର ନିର୍ଦ୍ଦେଶକ

**ବେଙ୍ଗାଲୁରୁ, ୧୪।୬**

ଡକ୍ଟର ଗୋପାଳ କୃଷ୍ଣ ପାତ୍ର ବାଙ୍ଗାଲୋର ସ୍ଥିତ ସିଏସଆଇଆର-ଚତୁର୍ଥ ପାରାଡାଇମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦେଶର ଅଗ୍ରଣୀ ବିଜ୍ଞାନ ଓ କାରିଗରୀ ବିଦ୍ୟାର ସଂସ୍ଥାନ ବୈଜ୍ଞାନିକ ତଥା ଔଦ୍ୟୋଗିକ ଅନୁସନ୍ଧାନ ପରିଷଦ (ସିଏସଆଇଆର)ର ୩୭ଟି ସଂସ୍ଥାନ ମଧ୍ୟରୁ ସିଏସଆଇଆର ୪ ପିଆଇ ସଂସ୍ଥାନରେ ଡକ୍ଟର ପାତ୍ର ୧୯୯୭ରୁ ଜଣେ ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଛନ୍ତି । ଓଡିଶାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ପ୍ରୋଟିଆଜ୍ ଆଉ ବେକାର ନୁହଁନ୍ତି
ଜିତିଯାଇଛନ୍ତି ଟ୍ରଫି
ଟେଷ୍ଟ ଚମ୍ପିଆନ୍ ଦକ୍ଷିଣ ଆଫ୍ରିକା
କଙ୍ଗାରୁ ପଞ୍ଚାଙ୍କୁ ଖୁମ୍ପି
ସବୁ ଆଡେ ଗପାଗପି
ଏଇ ବରଷ ସବୁ ଦେଖାଇଲା
ଯାହାଥିଲା ଭାଗ୍ୟେ ଛପି।

# ଇସ୍ରାଏଲ-ଇରାନ ବିବାଦ ଯୋଗୁଁ କ୍ଷତି ସହିବ ଭାରତ !



**ନୂଆଦିଲ୍ଲୀ, ୧୪।୬**

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଭାରତର ଅର୍ଥନୀତି ଉପରେ ବିଶେଷ ପ୍ରଭାବ ପକାଇ ନପାରେ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏହା କହିଛନ୍ତି । ସେ କହିଛନ୍ତି ଯେ, ଯଦି ଏହି ଲଢ଼େଇ ଆହୁରି ବଢ଼ିଯାଏ ତେବେ ଭାରତ ହୁଏତ ବହୁତ କ୍ଷତି ସହିପାରେ। ସରକାର ଏହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ରିପୋର୍ଟ ଅନୁସାରେ ଅଧିକାରୀ ସ୍ୱୀକାର କରିଛନ୍ତି ଯେ, ଏହି ଲଢ଼େଇ ଯୋଗୁଁ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇପାରେ। ଷ୍ଟକ ବଜାରରେ ମଧ୍ୟ ଅସ୍ଥିରତା ହୋଇପାରେ। ଟଙ୍କାର ମୂଲ୍ୟ ମଧ୍ୟ ହ୍ରାସ ପାଇପାରେ। ଜାହାଜ ଦ୍ୱାରା ସାମଗ୍ରୀ ପଠାଇବାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇପାରେ। ଅଧିକାରୀ କହିଛନ୍ତି, ଭାରତ ଉପରେ ଏହାର କ’ଣ ପ୍ରଭାବ ପଡ଼ିବ ତାହା ଏବେ କହିବା କଷ୍ଟକର। ଅର୍ଥ ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନ ବଜାର ଉପରେ ନଜର ରଖିଛନ୍ତି । ସେମାନେ ଦେଖିବେ, ବଜାରରେ କ’ଣ ଘଟୁଛି।

ଏବେ ଭାରତୀୟ ଷ୍ଟକ ବଜାରରେ ହ୍ରାସ ଘଟିଥିଲା। ଏଭଳି ହୋଇଥିଲା କାରଣ ସାରା ବିଶ୍ୱରେ ବଜାର ମଧ୍ୟ ହ୍ରାସ ପାଉଥିଲା। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଯୋଗୁ ନିବେଶକମାନେ ଭୟଭୀତ ହୋଇଥିଲେ । ତେଣୁ *(ପୃଷ୍ଠା ୭ରେ)*

# ୧୮ ପର୍ଯ୍ୟନ୍ତ ବର୍ଷା

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଏବେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବାକୁ ପାଗ ଅନୁକୂଳ ହେଉଛି । ୨ ଦିନ ଭିତରେ ମୌସୁମୀ ଓଡ଼ିଶା ଛୁଇଁବା ନେଇ ଆକଳନ କରାଯାଉଛି । ରବିବାର ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟ୍‌କା ପବନ ସହ କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ ଓ ନବରଙ୍ଗପୁରରେ ବର୍ଷା ହେବାର ସମ୍ଭାବନା ରହିଛି। ଅବଶିଷ୍ଟ ଓଡ଼ିଶାରେ ବି ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଆସନ୍ତା ୧୮ ତାରିଖ ଯାଏଁ ରାଜ୍ୟରେ ବର୍ଷା ହେବାର



ସମ୍ଭାବନା ରହିଥିବା ବେଳେ ତାପମାତ୍ରା ବି କମ ରହିବ। ୧୬ ଓ ୧୭ ତାରିଖ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷାର ସମ୍ଭାବନା ରହିଛି । ତାପମାତ୍ରା ଧୀରେ ଧୀରେ ୨ରୁ ୪ ଡିଗ୍ରୀ ଯାଏ କମିବ। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ରଜ ଭଲ ଜମିବ। ରବିବାର ରାଜଧାନୀ ଭୁବନେଶ୍ୱରରେ ପାଗ ଆଂଶିକ ମେଘୁଆ ରହିବ। ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଓ ସର୍ବନିମ୍ନ ୨୬ ଡିଗ୍ରୀ ମଧ୍ୟରେ ରହିବ।





# ୨୦୨୪-୨୬ ଶିକ୍ଷାବର୍ଷରେ ନିଯୁକ୍ତିର ଅଧିକ ଆଶା ଥିବା କୋର୍ସ କରିବାକୁ ଇଚ୍ଛୁକ ବିଦ୍ୟାର୍ଥୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୨୧ ଓ ୨୦୨୨ ଶିକ୍ଷାବର୍ଷରେ ରାଜ୍ୟ ସରକାର ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ (ଡିଇଏଲ୍ଇଡି) ତଥା ସିଟି ପାଠ୍ୟକ୍ରମ ବନ୍ଦ କରିଦେଲେ। ଛାତ୍ରଛାତ୍ରୀଙ୍କ ଦାବି ଓ ଅଭିଯୋଗ ପରେ ୨୦୨୩-୨୫ ଶିକ୍ଷାବର୍ଷ ପାଇଁ ନାମଲେଖା ହେଲା । ଏହାପରେ ଗତ ବର୍ଷ ଅର୍ଥାତ୍ ୨୦୨୪-୨୬ ଶିକ୍ଷା ବର୍ଷ ପାଇଁ ନାମଲେଖା ହେବ ନ ହେବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଶେଷରେ ଜୁନ୍ ମାସରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେଲା । ଚଳିତବର୍ଷ ଉଚ୍ଚଶିକ୍ଷା ବିଭାଗ ମାର୍ଚ୍ଚ ୨୪ ତାରିଖରୁ ବିଏଡ୍, ଏମ୍ଏଡ୍ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ଏପରିକି ଏହାର ପ୍ରବେଶିକା ପରୀକ୍ଷା ଆଉ କିଛି ଦିନ ପରେ ହେବ । କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସିଟି ନାମଲେଖା ନେଇ ସ୍ୱଷ୍ଟତା ଆଣିନି। ଚଳିତବର୍ଷ ନାମଲେଖା ହେବ ନା ନାହିଁ ତାକୁ ନେଇ ଚିନ୍ତାରେ ଶିକ୍ଷାର୍ଥୀ । ଉଚ୍ଚ ମାଧ୍ୟମିକ ଶିକ୍ଷା




ପରିଷଦ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଗତ ୨୧ ତାରିଖରୁ ପ୍ରକାଶ ପାଇଛି । ସେହିପରି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମେ' ୧୩ରୁ ପ୍ରକାଶ ପାଇଛି । ଯୁକ୍ତ ତିନି ନାମଲେଖା ପାଇଁ ଏପ୍ରିଲ ୧୬ରୁ ଆବେଦନ ଆରମ୍ଭ ହୋଇଥିଲେ ହେଁ ଏଯାବତ୍ ରହିଥିବା ସିଟ୍‌ଠୁ କମ୍ ପିଲା ଆବେଦନ କରିଛନ୍ତି। ପିଜି ନାମଲେଖା ପାଇଁ ୩୦,୮୦୨ ସିଟ୍ ଥିବା ବେଳେ ଏହାର ୨ ଗୁଣା ଅର୍ଥାତ୍ ୬୨ ହଜାର ପିଲା ଆବେଦନ କରିଛନ୍ତି । କିନ୍ତୁ ବିଏଡ୍ ନାମଲେଖା ପାଇଁ ୨୭୫୦ ସିଟ୍ ଥିବା ବେଳେ ଏହାର ୪୮ ଗୁଣା ପିଲା ଆବେଦନ କରିଛନ୍ତି। ଏଥିରୁ ସ୍ୱଷ୍ଟ ହେଉଛି ଶିକ୍ଷାର୍ଥୀମାନେ ନିଯୁକ୍ତିର ଅଧିକ ଆଶା ଥିବା କୋର୍ସ କରିବାକୁ ଇଚ୍ଛୁକ ହେଉଛନ୍ତି । ୨୦୨୪-୨୬ ଶିକ୍ଷାବର୍ଷରେ ୩୦ ଜିଲ୍ଲାର ୬୮ଟି ପ୍ରତିଷ୍ଠାନରେ ୬୫୫୦ ସିଟି ସିଟ୍ ପାଇଁ ନାମଲେଖା ହୋଇଥିଲା। ଏଥିପାଇଁ ୭୫,୯୨୩ ଜଣ ପିଲା ପଞ୍ଜୀକରଣ କରିଥିଲେ । ୬୩, ୭୭୮ଜଣ ଆବେଦନ କରିଥିଲେ । ଅର୍ଥାତ୍ ଉପଲବ୍ଧ ସିଟ୍‌ର ୧୨ ଗୁଣା ଅଧିକ ଆବେଦନ କରିଥିଲେ । କୌଣସି ସ୍ଥାନରେ ସିଟ୍ ଖାଲି ପଡ଼ିନଥିଲା। ବରଂ ଯୁକ୍ତ ତିନିରେ ସିଟ୍ ଖାଲି ପଡ଼ିଥିଲା। ଏଥିରୁ ସ୍ୱଷ୍ଟ ଯେ ପିଲାମାନେ ସିଟି ନାମଲେଖା ପାଇଁ ଆଗ୍ରହୀ ଅଛନ୍ତି । ସିଟି ନାମଲେଖା ପାଇଁ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ (ଏସ୍‌ସିଇଆରଟି) ନାମଲେଖା ସଂପର୍କିତ କୌଣସି ସୂଚନା ଦେଇନାହିଁ। ଫଳରେ ପିଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ବୋଲି ଶିକ୍ଷାବିତ୍ କହିଛନ୍ତି। ଏସ୍‌ସିଇଆରଟିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଚଳିତବର୍ଷ ନାମଲେଖା ସମ୍ଭାବନା ରହିଛି। ଏଥିପାଇଁ ସରକାରଙ୍କ ପାଖରୁ ଅନୁମତି ମିଳିସାରିଛି। ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଆନୁସଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇଛି।

# କମିପାରେ ପେଟ୍ରୋଲ ଓ ଡିଜେଲ ଦର

**ନୂଆଦିଲ୍ଲୀ:**

ଭାରତରେ ଦୀର୍ଘଦିନ ହେବ ପେଟ୍ରୋଲ ଓ ଡିଜେଲ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ବର୍ତ୍ତମାନ ସମଗ୍ର ବିଶ୍ୱରେ ଅଶୋଧିତ ତୈଳ ଦର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଆମ ଭିତରେ ଏମିତି ଅନେକ ଜଣ ଅଛନ୍ତି ଯେଉଁମାନେ ଏହି ପରିପ୍ରେକ୍ଷିରେ ସରକାର ତୈଳ ଦର ହ୍ରାସ କରିବା ନେଇ କୌଣସି ପଦକ୍ଷେପ ନବା ଦରକାର ବୋଲି ଚିନ୍ତା ମଧ୍ୟ କରୁଛନ୍ତି। ତେବେ ଦେଖିବାକୁ ଗଲେ ସରକାର ଏ ଦିଗରେ ଅତ୍ୟନ୍ତ ସତର୍କତାର ସହ ବିଚାର ବିମର୍ଷ କରୁଛନ୍ତି। ଆପଣ ମାନଙ୍କୁ ମଧ୍ୟ ଏନେଇ ଥରେ ବିଶ୍ୱ ବଜାର ଉପରେ ନଜର ପକାଇବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଭାରତରେ ଥିବା ସମସ୍ତ ତୈଳ ବିପଣନକାରି କମ୍ପାନୀ ଗୁଡିକ ଚିନ୍ତାରେ ପଡିଛନ୍ତି। କାରଣ ଆମେରିକା ଋଷରୁ କ୍ରୁଡ ଅଏଲ କିଣୁଥିବା ଦେଶମାନଙ୍କୁ ଚେତାବନି ଦେଇ କହିଛି ଯେ "ଯଦି କୌଣସି ଦେଶ ଋଷ ନିକଟରୁ ତେଲ କିଣିବା ବନ୍ଦ ନକରନ୍ତି ତେବେ ସେମାନଙ୍କ ଉପରେ ଆମେରିକା ୫୦୦ ପ୍ରତିଶତ ପାଲଟା ଶୁଳ୍କ



ଲଗାଇବ।" ବର୍ତ୍ତମାନ ଭାରତ ଋଷ ନିକଟରୁ ନିଜ ଦୈନିକ ଆବଶ୍ୟକତାର ୩୫ ପ୍ରତିଶତ କ୍ରୁଡ ଅଏଲ ବିଶେଷ ରିହାତି ସହ କ୍ରୟ କରୁଛି। ତେବେ ଯଦି ଆମେରିକା ଦେଇଥିବା ଚେତାବନିକୁ ସତରେ କାର୍ଯ୍ୟକାରୀ କରେ ତେବେ ଭାରତ ଏହି ସୁଲଭ ତୈଳ କାରବାରକୁ ବନ୍ଦ କରିବାକୁ ବାଧ୍ୟ ହେବ। ବର୍ତ୍ତମାନ ବିଶ୍ୱରେ ଅଶୋଧିତ ତୈଳର ଅଭାବ ପରିଲକ୍ଷିତ ହୋଇନାହିଁ। ଅନ୍ୟପଟେ ଆମେରିକାର ଏହି ଧମକ ପରେ ଭାରତର ସରକାରୀ ତୈଳ ବିପଣନକାରୀ ସଂସ୍ଥା ଙ୍ଗରଉ ବର୍ତ୍ତମାନ ଋଷଠୁ ତୈଳ କ୍ରୟର ପରିମାଣକୁ ବଢାଇ ଦେଇଛି। କାରଣ ଭାରତ ଅପେକ୍ଷା ଓ ଦେଖିବା(ୱେଟ ଆଣ୍ଡ ୱାଚ) ନୀତି ଆପଣେଇଛି। ଏହାସହ ଭାରତର ଅନ୍ୟ ତୈଳ ବିପଣନକାରୀ ସଂସ୍ଥା ଗୁଡିକ ଅନ୍ୟ ବିକଳ୍ପ ଆପଣେଇବା ଉପରେ କର୍ଯ୍ୟ କରୁଛନ୍ତି। ତେବେ ଯଦି ଆମେରିକା ସତରେ ପାଲଟା ଶୁଳ୍କ ଲଗାଏ ତେବେ ଭାରତକୁ ରିହାତି ମୁଲ୍ୟରେ ତେଲ ମିଳିବା ବନ୍ଦ ହୋଇଯିବ। ତେଲ ବିତରଣକାରୀ ସଂସ୍ଥା ଗୁଡିକ ଦୈନିକ ତେଲ ଦର ଧାର୍ଯ୍ୟ କରିଥାନ୍ତି। ଏହି ଦର ଧାର୍ଯ୍ୟ କରିବା ପାଇଁ ଆନ୍ତର୍ଜାତୀୟ ସ୍ତରରେ ତୈଳ ଦର, ଟଙ୍କା ଓ ଡଲାର ବିନିମୟ ମୁଲ୍ୟ, ବୈଶ୍ୱିକ ଆବଶ୍ୟକତା ଓ ଯୋଗାଣକୁ ବିଚାରକୁ ନିଆଯାଇଥାଏ। ଶେଷଥର ପାଇଁ ଗତ ବର୍ଷ ମାର୍ଚ୍ଚ ମାସରେ ତୈଳ ଦରରେ ୨ ଟଙ୍କାର ପରିବର୍ତ୍ତନ କରାଯାଇଥିଲା। ଏହା ପରଠୁ ଦରରେ ସେମିତି ଆଖିଦୃଶିଆ ପରିବର୍ତ୍ତନ କରାଯାଇ ନାହିଁ। ଦର କମାଇବା ପରିବର୍ତ୍ତେ, ସରକାରଙ୍କ ପାଖରେ ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସାଇଜ୍ ଡ୍ୟୁଟି ବୃଦ୍ଧି କରିବାର ସୁଯୋଗ ରହିଛି। କାରଣ ପୂର୍ବରୁ ବିଶ୍ୱ ବଜାରରେ ତେଲ ଦର ଖସିବା ପରେ ସରକାର ଗତ ୨୦୨୫ ଏପ୍ରିଲ ମାସରେ ଉତ୍ପାଦ ଶୁଳ୍କକୁ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଥିଲେ। ବର୍ତ୍ତମାନ ବିଶ୍ୱ ବଜାରରେ ତୈଳ ମୂଲ୍ୟ ଖସିବାରେ ଲାଗିଛି। ଏଣୁ ସରକାର ଆଗକୁ କ'ଣ କରିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କମିବା ପରେ ଜେଟ ଇନ୍ଧନର ମୁଲ୍ୟରେ ପାଖାପାଖି ୩ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି।

# ଡଙ୍ଗାବୁଡିରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସରକାରୀ ସହାୟତା

**କଟକ,ନ୍ୟୁଜ ବ୍ୟୁରୋ**

ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ କଇଁମୁଣ୍ଡି ଗ୍ରାମର ଗୋଲଖ ବେହେରାଙ୍କ ୭ ବର୍ଷର ଝିଅ ଜିଜ୍ଞାସା ବେହେରା ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ପ୍ରକାଶଥାଉକି ଜିଜ୍ଞାସା ତାଙ୍କ ବଡବାପା ଅଲେଖ ବେହେରା ଏବଂ ଅନ୍ୟ ତିନି ଜଣ ଭାଇ ଭଉଣୀଙ୍କ ସହ ଡଙ୍ଗାରେ ନଦୀ ପାର ହେଉଥିବା ସମୟରେ ମଝି ନଈରେ ଡ଼ଙ୍ଗାଟି ଓଲଟି ପଡିବାରୁ ସମସ୍ତ ପାଞ୍ଚ ଜଣ ବୁଡି ଯାଇଥିଲେ। ତନ୍ମଧ୍ୟରୁ ୪୯ ବର୍ଷୀୟ ଅଲେଖ ବେହେରା ତାଙ୍କ ୧୨ ବର୍ଷର ଝିଅ ଅସ୍ମିତା ଓ ୮ ବର୍ଷର ପୁଅ ମହାପ୍ରସାଦ ସୁରକ୍ଷିତ ଉଦ୍ଧାର ହୋଇଥିବା ବେଳେ ୭ ବର୍ଷର ଝିଆରି ପ୍ରଜ୍ଞାସାକୁ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲ ପଠାଯାଇଛି। ଅନ୍ୟ ଜଣେ ଝିଆରି ଜିଜ୍ଞାସାର ଶବ ଉଦ୍ଧାର କରାଯାଇଛି। ମୃତକଙ୍କ ପରିବାରକୁ ସରକାରଙ୍କ ଅନୁକମ୍ପାମୂଳକ ୪ ଲକ୍ଷ ଟଙ୍କାର ଅର୍ଥରାଶି ରାଜ୍ୟ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବା ସହ ଚିକିତ୍ସାଧୀନ ପ୍ରଜ୍ଞାସାକୁ ମଧ୍ୟ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳଙ୍କ ସୂତ୍ରରୁ ପ୍ରକାଶ।

# ଭାରତୀୟ ଆଇନ୍‌ରେ ଡିଜିଟାଲ ଆରେଷ୍ଟ ପରି ଶବ୍ଦ ନାହିଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଇବର ଅପରାଧୀ ବିଭିନ୍ନ ଉପାୟରେ ଲୋକଙ୍କୁ ଫୋନ୍ କରି ଠକୁଛନ୍ତି । ଡିଜିଟାଲ ଆରେଷ୍ଟରେ ଥିବା କହି କୋଟି କୋଟି ଚୁନା ଲଗାଉଛନ୍ତି। ନ୍ୟାୟିକ ଅଧିକାରୀ, ପୋଲିସ, ସିବିଆଇ ଓ କଷ୍ଟମ ଅଧିକାରୀର ପରିଚୟ ଦେଇ ଲୋକଙ୍କୁ ଠକୁଛନ୍ତି । ଭାରତୀୟ ଆଇନରେ ଡିଜିଟାଲ୍ ଆରେଷ୍ଟ ପରି କୌଣସି ଶବ୍ଦ ନାହିଁ ବୋଲି କହି ସତର୍କ କରାଇଛି ରାଜ୍ୟ ପୋଲିସ । ଏପରି ଫୋନ୍ ଆସିଲେ ନିକଟସ୍ଥ ଥାନା ବା ୧୯୩୦କୁ ଜଣାଇବାକୁ କହିଛନ୍ତି । ସାଇବର ଅପରାଧୀମାନେ ନିଜକୁ ନ୍ୟାୟିକ ଅଧିକାରୀ, ପୋଲିସ ଅଧିକାରୀ, ସିବିଆଇ କିମ୍ବା କଷ୍ଟମ୍ ଅଧିକାରୀ ବୋଲି



ପରିଚୟ ଦେଇ ଡିଜିଟାଲ ଗିରଫ କରିବାକୁ କହି ସାଧାରଣ ଲୋକଙ୍କୁ ଠକୁଛନ୍ତି । ଏଭଳି ଫୋନ କଲ ଆସିବା ମାତ୍ରେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ୧୯୩୦କୁ ଯୋଗାଯୋଗ କରି ଅଭିଯୋଗ କରନ୍ତୁ। ଏ ନେଇ ଏକ୍ସରେ ସୂଚନା ଦେଇ ଓଡିଶା ପୋଲିସ କହିଛି, ''ସାଇବର ଅପରାଧୀମାନେ ନିଜକୁ ନ୍ୟାୟିକ ଅଧିକାରୀ, ପୋଲିସ ଅଧିକାରୀ, ସିବିଆଇ କିମ୍ବା କଷ୍ଟମ୍ ଅଧିକାରୀ ବୋଲି ପରିଚୟ ଦେଇ ଡିଜିଟାଲ ଗିରଫ କରିବାକୁ କହି ସାଧାରଣ ଲୋକଙ୍କୁ ଠକୁଛନ୍ତି । ଏଭଳି ଫୋନ୍ କଲ୍ ଆସିବା ମାତ୍ରେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ୧୯୩୦କୁ ଯୋଗାଯୋଗ କରି ଅଭିଯୋଗ କରନ୍ତୁ। ଏଭଳି ଫୋନ କଲ ଆସିଲେ ଏହାକୁ ଅଣଦେଖା କରନ୍ତୁ ନାହିଁ। ଆପଣଙ୍କ ଅବଗତି ନିମନ୍ତେ ଜଣାଉଛୁ କି ଭାରୀତୀୟ ଆଇନ୍ ବ୍ୟବସ୍ଥାରେ ଡିଜିଟାଲ ଆରେଷ୍ଟ ଭଳି କୌଣସି ଶବ୍ଦ ନାହିଁ । ସତର୍କ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ ।''

# ନାବାଳିକାକୁ ସେବାୟତଙ୍କ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଚାଞ୍ଚଲ୍ୟ । କପିଳେଶ୍ୱର ମନ୍ଦିର ବେଢ଼ାରେ ଘଟିଛି ସାଂଘାତିକ ଘଟଣା। ପୂଜା କରିବାକୁ ଯାଇଥିବା ଜଣେ ନାବାଳିକାକୁ ଜଣେ ସେବାୟତ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଏନେଇ ନାବାଳିକାର ପରିବାର ଲୋକ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲା। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସେବାୟତ ପ୍ରଦ୍ୟୁମ୍ନ ମଲିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୩ ତାରିଖ ସନ୍ଧ୍ୟାରେ ମନ୍ଦିରକୁ ଯାଇଥିଲେ ସ୍ଥାନୀୟ ଅଞ୍ଚଳର ନାବାଳିକା। ଠାକୁରଙ୍କ ଆଳତୀ ସରିବା ପରେ ପ୍ରଦ୍ୟୁମ୍ନ ତାଙ୍କୁ ଶନି ମନ୍ଦିର ଦର୍ଶନ କରାଇ ଦେବାକୁ କହିଥିଲେ। ନାବାଳିକା ଜଣଙ୍କ ତାଙ୍କ ସହ ଯାଇଥିଲେ। ସେଠାରେ ଅନ୍ଧାରରେ ସୁଯୋଗ ନେଇ ପ୍ରଦ୍ୟୁମ୍ନ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। ନାବାଳିକା ଚିତ୍କାର କରିବାକୁ ସେ ତାଙ୍କୁ ଛାଡ଼ି ଦେଇଥିଲେ। ଏନେଇ ନାବାଳିକା ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କଠୁ ଏତଲା ପାଇ ପୁଲିସ କପିଳେଶ୍ୱର ଗ୍ରାମରେ ଚଢ଼ଉ କରି ପ୍ରଦ୍ୟୁମ୍ନଙ୍କୁ ଉଠାଇ ଆଣିଥିଲା। ପୁଲିସ୍ ନାବାଳିକାର ବୟାନ ରେକର୍ଡ କରିଛି। ଅଭିଯୁକ୍ତ ସେବାୟତ ପ୍ରଦ୍ୟୁମ୍ନ ମଲିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଓଡ଼ିଶାର ୧୦ ଜିଲ୍ଲାରେ ୧୦୦୦ରୁ ୨୫୦୦ ମଧ୍ୟରେ ମହିଳା ଯୌନକର୍ମୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାତୀୟ ଏଡସ୍ ନିୟନ୍ତ୍ରଣ ସଂଗଠନ (ନାର୍କୋ)ର ଏକ ରିପୋର୍ଟରେ ମହିଳା ଯୌନ କର୍ମୀ ଏବଂ ପୁରୁଷମାନଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ପୁରୁଷ ଉଭୟଙ୍କ ସର୍ବାଧିକ ସଂଖ୍ୟା ଥିବା ଦେଶର ଶ୍ରେଷ୍ଠ ୧୨ଟି ରାଜ୍ୟ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରାଯାଇଛି। ଏହା ୨୦୨୨ ମସିହାରେ ନାର୍କୋ ଦ୍ୱାରା କରାଯାଇଥିବା ପ୍ରୋଗ୍ରାମାଟିକ୍ ମ୍ୟାପିଂ ଏବଂ ଜନସଂଖ୍ୟା ଆକାର ଆକଳନର ନିଷ୍କର୍ଷ ଅନୁଯାୟୀ ପ୍ରକାଶ ପାଇଛି। ଯାହା ପିଅର-ସମୀକ୍ଷା କରାଯାଇଥିବା ଜର୍ଣ୍ଣାଲ୍ ପିଏଲଓଏସ ଗ୍ଲୋବାଲ୍ ପବ୍ଲିକ୍ ହେଲଥ୍‌ର ସାମ୍ପ୍ରତିକ ସଂଖ୍ୟାରେ ପ୍ରକାଶିତ ହୋଇଛି। ଏହି ସର୍ଭେ ଦେଶର ୩୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୬୫୧ଟି ଜିଲ୍ଲାରେ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୨୪,୬୨୦ ମହିଳା ଯୌନକର୍ମୀ ଏବଂ ୫,୯୭୭ ପୁରୁଷ ଯୌନକର୍ମୀ ରେକର୍ଡ କରାଯାଇଛି। ଅପରପକ୍ଷରେ ଦେଶର ୯.୯୫ ଲକ୍ଷ ମହିଳା ଯୌନକର୍ମୀ ମଧ୍ୟରୁ, କର୍ଣ୍ଣାଟକରେ ୧.୫୩ ଲକ୍ଷ ମହିଳା ଯୌନକର୍ମୀ ରହିଛନ୍ତି। ଏହା ସହିତ କର୍ଣ୍ଣାଟକେ ତାଲିକାର ଶୀର୍ଷରେ ରହିଛି। ଏହାପଛକୁ ଆନ୍ଧ୍ର ପ୍ରଦେଶ ଏବଂ ମହାରାଷ୍ଟ୍ର ରହିଛନ୍ତି। ଆନ୍ଧ୍ର ପ୍ରଦେଶ ଏବଂ ମହାରାଷ୍ଟ୍ରରେ ଯଥାକ୍ରମେ ୧.୧୯ ଲକ୍ଷ ଏବଂ ୯୫,୩୫୧ ମହିଳା ଯୌନକର୍ମୀ ରହିଛନ୍ତି। ନାର୍କୋ ଅନୁଯାୟୀ, ଓଡ଼ିଶାରେ ୨,୧୧୩ଟି ହଟସ୍ପଟ୍ ଏବଂ ୧୯୦ ନେଟୱାର୍କ ଅପରେଟର ଅଛି। ହଟସ୍ପଟ୍ ମଧ୍ୟରେ ବେଶ୍ୟାଳୟ, ଲଜ୍/ହୋଟେଲ, ରାସ୍ତା, ରେଳ ଷ୍ଟେସନ, ବସ୍-ଷ୍ଟାଣ୍ଡ, ପାର୍କ, ବଜାର, ବ୍ରିଜ୍ ତଳେ, ରାଜପଥ, ସ୍ପା ଏବଂ ପରିତ୍ୟକ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ। ରାଜ୍ୟରେ ପ୍ରତି ହଜାରେ ପ୍ରାପ୍ତବୟସ୍କ ମହିଳାଙ୍କ ମଧ୍ୟରୁ ୨ ଜଣ ଯୌନକର୍ମୀ ଅଛନ୍ତି। ପ୍ରାୟ ୮୮.୬ ପ୍ରତିଶତ ଘର କିମ୍ବା ରାସ୍ତା ସ୍ଥାନ ଭଳି ହଟସ୍ପଟ୍ ମାଧ୍ୟମରେ କାର୍ଯ୍ୟ କରନ୍ତି। ପ୍ରାୟ ଚାରି ପ୍ରତିଶତ କେବଳ ନେଟୱାର୍କ ଅପରେଟରଙ୍କ ସହିତ ଲିଙ୍କ୍ ହୋଇଛନ୍ତି, ଏବଂ ଲିଙ୍କ୍ ୱାର୍କର୍ ସ୍କିମ୍ (ଏଲଡବ୍ଲୁଏସ) ଅଧୀନରେ ଗ୍ରାମାଞ୍ଚଳରେ ୭.୪ ପ୍ରତିଶତ ମହିଳା ଯୌନକର୍ମୀ ରହିଛନ୍ତି। ଏହା ମଧ୍ୟ ରିପୋର୍ଟ କରାଯାଇଛି ଯେ, ଓଡ଼ିଶାର ୧୦ ଜିଲ୍ଲାରେ ୧୦୦୦ରୁ ୨୫୦୦ ମଧ୍ୟରେ ମହିଳା ଯୌନକର୍ମୀ ଅଛନ୍ତି। ସେହିପରି ୧୧ଟି ଜିଲ୍ଲାରେ ସେମାନଙ୍କର ସାନ୍ଦ୍ରତା ୫୦୦ରୁ ୧୦୦୦ ପର୍ଯ୍ୟନ୍ତ ଅଛି। କେବଳ ନଅଟି ଜିଲ୍ଲାରେ ୫୦୦ରୁ କମ୍ ମହିଳା ଯୌନକର୍ମୀ ଅଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଦେଶର ୩.୫୧ ଲକ୍ଷ ପୁରୁଷ ଯୌନକର୍ମୀଙ୍କ ମଧ୍ୟରୁ, କର୍ଣ୍ଣାଟକରେ ସର୍ବାଧିକ ୪୫,୬୩୦ ଜଣ ଅଛନ୍ତି। ସେହିପରି ମହାରାଷ୍ଟ୍ରରେ ୪୦,୧୮୬ ଜଣ ଏବଂ ତାମିଲନାଡୁରେ ୩୮,୨୮୨ ଜଣ ପୁରୁଷ ଯୌନକର୍ମୀ ରହିଛନ୍ତି। ନାର୍କୋ ପକ୍ଷରୁ ଓଡ଼ିଶାର ୭୧୭ଟି ହଟସ୍ପଟ୍ ଏବଂ ୧୭୫ଟି ଏଲଡବ୍ଲୁଏସ ଗାଁରେ ୭,୨୦୯ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ରେକର୍ଡ କରିଛି। ହଟସ୍ପଟରେ ୯୦.୮ ପ୍ରତିଶତ, ୯୧ଟି ନେଟୱାର୍କ ଅପରେଟରଙ୍କ ପାଖରେ ୬.୩୭ ପ୍ରତିଶତ ଏବଂ ଏଲଡବ୍ଲୁଏସ ଗାଁରେ ୨.୭୭ପ୍ରତିଶତ ଟ୍ରାନ୍ସଜେଣ୍ଡରଙ୍କୁ ମିଳିଛି।



# ଉତ୍ପାଦନ ଖର୍ଚ୍ଚ ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଶସ୍ତା ଦେଶ

**ନୂଆଦିଲ୍ଲୀ :**

ଭାରତ ଏବେ ଉତ୍ପାଦନ ଖର୍ଚ୍ଚ ଦୃଷ୍ଟିରୁ ବିଶ୍ୱର ସବୁଠାରୁ ଶସ୍ତା ଦେଶ। ଏହା ଚୀନ୍ ଏବଂ ଭିଏତନାମକୁ ପଛରେ ପକାଇ ଦେଇଛି। ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ସ ୟୁଏସ୍ ନ୍ୟୁଜ୍ ଏବଂ ୱାର୍ଲ୍ଡ ରିପୋର୍ଟରୁ ସୋସିଆଲ ମିଡିଆରେ ଏକ ତାଲିକା ସେୟାର କରାଯାଇଛି। ଏଥିରେ ଭାରତ ପ୍ରଥମ ସ୍ଥାନରେ ଅଛି। ଏହା ପରେ ଚୀନ୍ ଏବଂ ଭିଏତନାମ ରହିଛି। ତାଲିକାରେ ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ବାଂଲାଦେଶ, ଇଣ୍ଡୋନେସିଆ, କାମ୍ବୋଡିଆ, ମାଲେସିଆ ଏବଂ ଶ୍ରୀଲଙ୍କା ମଧ୍ୟ ରହିଛି। ୟୁଏସ୍ ନ୍ୟୁଜ୍ ଏବଂ ୱାର୍ଲ୍ଡ ରିପୋର୍ଟ ଦ୍ୱାରା ୮୯ ଦେଶ ମଧ୍ୟରେ ଏହି ମୂଲ୍ୟାଙ୍କନ କରାଯାଇଛି। ଚୀନ୍ ଦୀର୍ଘଦିନ ଧରି ବିଶ୍ୱର ଫ୍ୟାକ୍ଟ୍ରି ଫ୍ଲୋର ରହିଆସିଛି। ଏହାର କାରଣ ଏହାର ବିଶାଳ ଏବଂ ଅପେକ୍ଷାକୃତ ଶସ୍ତା ଶ୍ରମଶକ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭିଏତନାମ ଏକ ଗୁରୁତ୍ୱପୂର୍ଣ୍ଣ କମ୍ ମୂଲ୍ୟର ଉତ୍ପାଦନ କେନ୍ଦ୍ର ଭାବରେ ମଧ୍ୟ ଉଭା ହୋଇଛି। ଉତ୍ପାଦନ ଖର୍ଚ୍ଚରେ ଭାରତ ସବୁଠାରୁ ଶସ୍ତା ଦେଶ ହୋଇଥିବାରୁ ଚୀନ୍‌ର ଉତ୍ତେଜନା ବୃଦ୍ଧି କରିବାକୁ ଯାଉଛି। ଏହା ଭାରତକୁ ବିଶ୍ୱ ସ୍ତରରେ ଏକ ଆକର୍ଷଣୀୟ ଉତ୍ପାଦନ ଗନ୍ତବ୍ୟସ୍ଥଳ କରିବ। କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କର ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ କିମ୍ବା ଏଠାରୁ ସୋର୍ସିଂ କରିବାକୁ ଆକର୍ଷିତ ହେବେ। ଏହା ଦେଶରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ ବୃଦ୍ଧି କରିବ। ଉତ୍ପାଦନ ଖର୍ଚ୍ଚ ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଶସ୍ତା ଦେଶ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଏହାର ସୁଦୂରପ୍ରସାରୀ ସକାରାତ୍ମକ ଆର୍ଥିକ ପରିଣାମ ହୋଇପାରେ। ତଥାପି, ଏହି ଗତିକୁ ବଜାୟ ରଖିବା ଏବଂ ଭାରତକୁ ଏକ ପ୍ରକୃତ ବିଶ୍ୱ ଉତ୍ପାଦନ ମହାଶକ୍ତି କରିବା ପାଇଁ ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ବ୍ୟବସାୟ କରିବାର ସହଜତା ଭଳି କ୍ଷେତ୍ରଗୁଡ଼ିକ ଉପରେ ନିରନ୍ତର ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ ହେବ। ୟୁଏସ୍ ନ୍ୟୁଜ୍ ଆଣ୍ଡ୍ ୱାର୍ଲ୍ଡ ରିପୋର୍ଟ ଅନୁଯାୟୀ, ଭାରତରେ ଉତ୍ପାଦନ ଖର୍ଚ୍ଚ ବିଶ୍ୱରେ ସବୁଠାରୁ କମ୍। ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ସ ସୋସିଆଲ ମିଡିଆ



ପ୍ଲାଟଫର୍ମ ଏକ୍ସରେ ୟୁଏସ୍ ନ୍ୟୁଜ୍ ଆଣ୍ଡ ୱାର୍ଲ୍ଡ ରିପୋର୍ଟରୁ ବିଶ୍ୱରେ ସବୁଠାରୁ କମ୍ ଉତ୍ପାଦନ ଖର୍ଚ୍ଚ ଥିବା ୮୯ଟି ଦେଶର ତାଲିକା ପ୍ରକାଶ କରିଛି। ଭାରତ ପରେ ଚୀନ୍ ଏବଂ ଭିଏତନାମ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ବିଶ୍ୱରେ ସବୁଠାରୁ କମ ଉତ୍ପାଦନ ଖର୍ଚ୍ଚ ଥିବା ଦେଶ ତାଲିକାରେ ଭାରତ ପ୍ରଥମ ସ୍ଥାନରେ ଅଛି। ଶୀର୍ଷ-୧୦ ତାଲିକାରେ ଭାରତ, ଚୀନ୍, ଭିଏତନାମ, ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ବାଂଲାଦେଶ, ଇଣ୍ଡୋନେସିଆ, କାମ୍ବୋଡିଆ, ମାଲେସିଆ, ଶ୍ରୀଲଙ୍କା ଭଳି ଦେଶ ଅନ୍ତର୍ଭୁକ୍ତ। ୟୁଏସ୍ ନ୍ୟୁଜ୍ ଆଣ୍ଡ ୱାର୍ଲ୍ଡ ରେକର୍ଡ ୮୯ ଟି ଦେଶକୁ ମୂଲ୍ୟାଙ୍କନ କରିଛି। ସବୁଠାରୁ ଶସ୍ତା ଉତ୍ପାଦନ ଖର୍ଚ୍ଚ ସହିତ ଶୀର୍ଷ ୧୦ ଟି ଦେଶ ତାଲିକାରେ ଥାଇଲ୍ୟାଣ୍ଡ ଚତୁର୍ଥ ଏବଂ ଫିଲିପାଇନ୍ସ ପଞ୍ଚମ ସ୍ଥାନରେ ଅଛି। ଏହି ତାଲିକାରେ ବାଂଲାଦେଶ (ଷଷ୍ଠ), ଇଣ୍ଡୋନେସିଆ (ସପ୍ତମ), କାମ୍ବୋଡିଆ (ଅଷ୍ଟମ), ମାଲେସିଆ (ନବମ) ଏବଂ ଶ୍ରୀଲଙ୍କା (ଦଶମ) ସ୍ଥାନ ପାଇଛି। ତାଲିକାରେ ଘାନା, କେନିଆ, ମେକ୍ସିକୋ, ଦକ୍ଷିଣ ଆଫ୍ରିକା, କଲମ୍ବିଆ, ଏଲ ସାଲଭାଡୋର, ଚିଲି, କାଜାଖସ୍ତାନ, ଉଜବେକିସ୍ତାନ, ଟ୍ୟୁନିସିଆ ଏବଂ ଆଲଜେରିଆ ପରବର୍ତ୍ତୀ ସ୍ଥାନରେ ଅଛନ୍ତି।

# ପୁରୁଣା ଭୁବନେଶ୍ୱରର ଜଳମଗ୍ନ ହେଉଥିବା ଅଞ୍ଚଳ ବୁଲିଲେ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ମୌସୁମୀ ବର୍ଷା ଆସିବା ପୂର୍ବରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ପୁରୁଣା ଭୁବନେଶ୍ୱରର ଜଳମଗ୍ନ ହେଉଥିବା ବିଭିନ୍ନ ଅଞ୍ଚଳକୁ ବିଭାଗୀୟ ଅଧିକାରୀଙ୍କ ସହ ବୁଲି ଦେଖିବା ସହ ଜାରି ରହିଥିବା ଡ୍ରେନ୍ ସଫେଇ ଓ ବକ୍ସ ଡ୍ରେନ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ ଜଳମଗ୍ନ ହେଉଥିବା ଅଞ୍ଚଳ ଗୁଡ଼ିକୁ ପରିଦର୍ଶନ କରି ଡ୍ରେନେଜ୍ ସ୍ଥିତି ଅନୁଧ୍ୟାନ କରିବା ସହ ଜାରି ରହିଥିବା ଡ୍ରେନ୍ ସଫେଇ ଓ ବକ୍ସ ଡ୍ରେନ୍ କାର୍ଯ୍ୟର ସମୀକ୍ଷା କଲି ଏବଂ ସେଗୁଡିକୁ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲି। ମନ୍ଦିରର ଚତୁପାର୍ଶ୍ୱ ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସହ କଥା ହୋଇ ସ୍ଥାନୀୟ ସମସ୍ୟା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଲୁ। ମନ୍ଦିର ବ୍ୟତୀତ ଏହାର ଆଖପାଖ ଡ୍ରେନ୍ ସମସ୍ୟାର ତଦାରଖ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ପ୍ରୟାସ ଆରମ୍ଭ କରିଲୁ। ଏକାମ୍ର କ୍ଷେତ୍ର ଭାବରେ ଜଣାଶୁଣା ପୁରୁଣା ଭୁବନେଶ୍ୱର ମାଳ ମାଳ ମନ୍ଦିର ସହ ପବିତ୍ର ପୁଷ୍କରିଣୀ, ନିଆରା ପରମ୍ପରା ଓ ସଂସ୍କୃତି ଏବଂ ଐତିହ୍ୟ ସମ୍ପନ୍ନ ସହର।




# ଭାରତର ସୀମାକୁ ସୁରକ୍ଷା ଦିଅନ୍ତି ମହୁମାଛି

**ନୂଆଦିଲ୍ଲୀ:**

ସୀମା ସୁରକ୍ଷା, ଶତ୍ରୁମାନଙ୍କ ଗୁଇନ୍ଦାଗିରି ଏବଂ ବିପଦ ବିଷୟରେ ଜାଣିବା ପାଇଁ, ସେନା ଏବେ କେବଳ ମଣିଷ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ନୁହେଁ ବରଂ ପଶୁପକ୍ଷୀମାନଙ୍କ ଶକ୍ତି ଉପରେ ମଧ୍ୟ ନିର୍ଭର କରିବା ଆରମ୍ଭ କରିଛି। କେଉଁଠି ମୂଷାଙ୍କୁ ବିସ୍ଫୋରକ ଚିହ୍ନଟ କରିବା ପାଇଁ ତାଲିମ ଦିଆଯାଉଛି, କେଉଁଠି ହାତୀମାନଙ୍କୁ ନଜର ରଖିବା ପାଇଁ ବ୍ୟବହାର କରାଯାଉଛି। ଭାରତରେ, ମହୁମାଛି ସାହାଯ୍ୟରେ ଏକ ସ୍ୱତନ୍ତ୍ର ମିଶନ ମଧ୍ୟ କରାଯାଉଛି। ଆଧୁନିକ ଯୁଦ୍ଧ ଏବେ କେବଳ ଅସ୍ତ୍ରଶସ୍ତ୍ର ସହିତ ନୁହେଁ ବରଂ ନୂଆ ରଣନୀତି ସହିତ ଲଢ଼ାଯାଉଛି। କାମ୍ବୋଡିଆ, ୟୁକ୍ରେନ, ଇସ୍ରାଏଲ ଏବଂ ଅନେକ ୟୁରୋପୀୟ ଦେଶରେ ମୂଷାମାନଙ୍କୁ 'ଗୁପ୍ତଚର' କରାଯାଉଛି। ଏହି ମୂଷାମାନେ ମୁହୂର୍ତ୍ତକ ମଧ୍ୟରେ ବିପଦ ଅନୁଭବ କରି ସୂଚନା ଦିଅନ୍ତି। ସେମାନଙ୍କର ଆକାର ଏବଂ ଆକୃତି ସମ୍ପୂର୍ଣ୍ଣ ସାଧାରଣ ମୂଷା ପରି, ଯାହା ଦ୍ୱାରା ସେମାନେ ଶତ୍ରୁମାନଙ୍କୁ ଦେଖାଯାଆନ୍ତି ନାହିଁ। ଏହି ମୂଷାଗୁଡ଼ିକୁ 'ହିରୋରାଟ୍' କୁହାଯାଏ। ହିରୋର୍‍ୟାଟ୍‌ଙ୍କୁ ଗୁଇନ୍ଦାଗିରି ପାଇଁ ତାଲିମ ଦିଆଯାଉଛି। ଗୋଟିଏ ବର୍ଷରୁ କମ୍ ସମୟରେ ସମ୍ପୂର୍ଣ୍ଣ ହେଉଛି ତାଲିମ।। ବେଲଜିୟମର ଅଣ ଲାଭକାରୀ ସଂଗଠନ ଏପିଓପିଓ ମୂଷାମାନଙ୍କୁ ଗୁପ୍ତଚର ପାଇଁ ତାଲିମ ଦେଇଥାଏ। ବାରୁଦ ସୁଡ଼ଙ୍ଗ ଖୋଜିବା ପାଇଁ ଋଷ ମଧ୍ୟ ଏପରି ମୂଷାମାନଙ୍କୁ ବ୍ୟବହାର କରିଥାଏ। ଭାରତ-




ବାଂଲାଦେଶ ସୀମାରେ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍) ସବୁଠାରୁ ଭିନ୍ନ ଓ ନୂଆ ଅସ୍ତ୍ରଭାବେ ମହୁମାଛିମାନଙ୍କୁ ନିୟୋଜିତ କରିଛି। ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାରେ, ବିଏସ୍ଏଫ୍‌ର ୩୨ତମ ବାଟାଲିୟନ କଣ୍ଟା ତାର ବାଡ଼ରେ ମହୁମାଛି ପାଳନ ବାକ୍ସ ଝୁଲାଇବା ଆରମ୍ଭ କରିଛି। ଏହି ମହୁମାଛି କେବଳ ମହୁ ପାଇଁ ନୁହେଁ ବରଂ ମହୁମାଛି ବସାକୁ ଚୋରି ଏବଂ ଅନୁପ୍ରବେଶ କରୁଥିବା ଠକମାନଙ୍କ ପାଇଁ ଏକ ମୃତ୍ୟୁ ଘଣ୍ଟି ଭଳି କାମ କରନ୍ତି। ଯଦି କେହି ବାଡ଼ ଭାଙ୍ଗିବାକୁ ଚେଷ୍ଟା କରନ୍ତି, ତେବେ ଏହି ମହୁମାଛିମାନେ ସେମାନଙ୍କୁ ଆକ୍ରମଣ କରନ୍ତି।

ଆମେରିକାର ଗୁଇନ୍ଦା ସଂସ୍ଥା ଏହାର ଅନେକ କାର୍ଯ୍ୟ ପାଇଁ ପକ୍ଷୀ ଏବଂ ପ୍ରାଣୀମାନଙ୍କୁ ବ୍ୟବହାର କରିଛି। ପଶୁ ଏବଂ ପକ୍ଷୀଙ୍କ ସହାୟତାରେ, ଗୁପ୍ତ ସୂଚନା ସଂଗ୍ରହ, ଗୁପ୍ତ ଯୋଗାଯୋଗ ଏବଂ ଫଟୋ ନିରୀକ୍ଷଣ କରାଯାଇଛି। ଆମେରିକା ବ୍ୟତୀତ, ଅନେକ ଦେଶ ମଧ୍ୟ ସେମାନଙ୍କର ଗୁପ୍ତଚର କାର୍ଯ୍ୟ ପାଇଁ ପକ୍ଷୀ ଏବଂ ପ୍ରାଣୀମାନଙ୍କୁ ବ୍ୟବହାର କରିଛନ୍ତି। ସିଆଇଏ ଏକ କ୍ୟାମେରା ତିଆରି କରିଥିଲା , ଯାହାକି ଏତେ ଛୋଟ ଏବଂ ହାଲୁକା ଥିଲା ଯେ ଗୋଟିଏ ପାରା ମଧ୍ୟ ଏହାକୁ ବୋହିନେଇ ଯାଇପାରିବ। ଏହି କ୍ୟାମେରାକୁ ପାରାର ଛାତିରେ ଏକ ଛୋଟ ହାର୍ନେସ୍ ସହିତ ବାନ୍ଧି ପାରାଟିକୁ ଏକ ବିଦେଶୀ ଦେଶର ଏକ ଗୁପ୍ତ ଅଞ୍ଚଳକୁ ଛାଡ଼ି ଦିଆଯାଇଥିଲା। ଯେତେବେଳେ ପାରାଟି ଫେରିଲା, ଶତ୍ରୁ ଅଞ୍ଚଳର ସମସ୍ତ ଚିତ୍ର କ୍ୟାମେରାରେ କଏଦ ହୋଇଯାଇଥିଲା।

୧୯୬୪ ମସିହାରେ, ଆମେରିକା କିଛି ଗୁପ୍ତଚର ବିଲେଇଙ୍କୁ ପାଳିପୋଷି ତାଲିମ ଦେଇଥିଲା। ଏହି ବିଲେଇଗୁଡ଼ିକ କଥାବାର୍ତ୍ତା ଶୁଣିବା ପାଇଁ ଜଣାଶୁଣା ଥିଲେ, କାରଣ ସେମାନଙ୍କ ବେକରେ ଏକ ଟ୍ରାନ୍ସମିଟର ଏବଂ ରେକର୍ଡର ଥିଲା। ବିଶ୍ୱର ଅନେକ ଦେଶରେ କୁକୁରମାନଙ୍କୁ ସେନାରେ ସାମିଲ କରାଯାଏ, କିନ୍ତୁ ଏଗୁଡ଼ିକ ଭିତରୁ ଏମିତି ଅନେକ କୁକୁର ଅଛନ୍ତି ଯେଉଁମାନଙ୍କୁ ଗୁଇନ୍ଦା କାମ ପାଇଁ ପଠାଯାଇଥାଏ। କୁକୁରମାନଙ୍କର ଏକ ଆଶ୍ଚର୍ଯ୍ୟଜନକ ଗନ୍ଧ ବାରିବାର ଦକ୍ଷତା ଅଛି ଯାହା ସେମାନଙ୍କୁ ବିସ୍ଫୋରକ ଗନ୍ଧ ଚିହ୍ନଟ କରିବାରେ ସକ୍ଷମ କରିଥାଏ। କାରଣ ସେମାନଙ୍କର ନାକ ମଣିଷର ଗନ୍ଧ ବାରିବାର କ୍ଷମତା ଅପେକ୍ଷା ୧୦ ହଜାର ଗୁଣ ଅଧିକ।

୧୯୭୦ ଦଶକରେ, ସିଆଇଏ ଏକ 'ଇନ୍‌ସେକ୍ଟୋଥୋପ୍ଟର' ନାମକ ଏକ ଆବିଷ୍କାର କରିଥିଲା। ଏହା ଠିକ୍ ଏକ ମାଛି ପରି ଦେଖାଯାଉଥିଲା। ଏହା ଗୁପ୍ତ ସୂଚନା ସଂଗ୍ରହ କରିବାରେ ବହୁତ ସହାୟକ ହେଉଥିଲା। ଏହି ମାଛି ବନ୍ଦ କୋଠରୀ ଭିତରେ ଚାଲିଥିବା ଗୁପ୍ତ କଥାବାର୍ତ୍ତା ବିଷୟରେ ସଠିକ୍ ସୂଚନା ଦେଉଥିଲା, ଯାହା ଶତ୍ରୁ କାର୍ଯ୍ୟକଳାପ ଏବଂ ଯୋଜନା ଚିହ୍ନଟ କରିବାରେ ସାହାଯ୍ୟ କରିଥିଲା। ନୌସେନାକୁ ଡଲ୍‌ଫିନ୍ ଦେଉଛନ୍ତି ସମୁଦ୍ର ଭିତରର ଗୁପ୍ତ ସୂଚନା। ଡଲ୍‌ଫିନ୍‌ଙ୍କ ଦ୍ୱାରା ଗୁଇନ୍ଦା ତଥ୍ୟ ହାସଲ କରୁଛନ୍ତି ଆମେରିକା ଓ ଋଷ। ସମୁଦ୍ର ଭିତରେ ନୌସେନାର ସମ୍ପତ୍ତିକୁ ଖୁବଶୀଘ୍ର ଖୋଜିଦେଉଛନ୍ତି ଚାଲାକ ଡଲ୍‌ଫିନ୍। ଦାବି କରାଯାଉଛି ଯେ, ଏହି ଡଲ୍‌ଫିନ୍‌ଗୁଡ଼ିକ ଜାହଜରେ ବମ୍ ପ୍ଲାଣ୍ଟ ମଧ୍ୟ କରିପାରନ୍ତି। ସମୁଦ୍ର ତଳେ ଯେକୌଣସି ସମ୍ଭାବ୍ୟ ଷଡ଼ଯନ୍ତ୍ରର ବିପଦକୁ ଏଡାଇବା ପାଇଁ ଆମେରିକୀୟ ନୌସେନା ଡଲଫିନମାନଙ୍କୁ ତାଲିମ ଦିଏ। ଏହି ଡଲଫିନଗୁଡ଼ିକ ସମୁଦ୍ରରେ ଯେକୌଣସି ବିପଦକୁ ଅନୁଭବ କରିବାରେ ଅଭ୍ୟସ୍ତ ହୋଇଗଲେଣି। ଏହା ବ୍ୟତୀତ, ଡଲଫିନଗୁଡ଼ିକ ସମୁଦ୍ର ତଳେ ଖଣି ଏବଂ ନୌସେନା ସମ୍ପତ୍ତି ଖୋଜିବାରେ ମଧ୍ୟ ସାହାଯ୍ୟ କରୁଛନ୍ତି।

ସମ୍ପାଦକୀୟ

31 YEARS

ସମ୍ବାଦ କଳିଙ୍ଗ

# ୩୦ ହଜାର ଭାରତୀୟ ବିଦେଶରେ ରଖିଛନ୍ତି ୨୯,୨୦୮ କୋଟି ଟଙ୍କା

ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି। ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ, ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

# ମାଟି ଓ ମୌସୁମୀ ମିଳନର ପର୍ବ ରଜପର୍ବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ, ଆର୍ଦ୍ର ହୋଇ ଉଠେ ପୃଥିବୀ । ଶୀତଳତା ଭରିଯାଏ ସବୁଆଡେ । ଯେମିତିକି ବହୁ ଦିନୁ ପ୍ରତିକ୍ଷୀତ ଏଇ ମାଟି- ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ । ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ । ମାଟି ଓ ମୌସୁମୀର ମିଳନର ପର୍ବ ରଜ । ପୃଥିବୀର ମାତୃତ୍ୱ କାମନା କରି ସୃଷ୍ଟିର ଜୟ ଗୀତଗାନ କରେ କୃଷକ । ଆଦ୍ୟ ଆଷାଢର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇ ଉଠେ ସବୁଆଡେ । ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ । ଦୋଳିରେ ଦୋଳିରେ ଛୁଟେ କୁଆଁରୀଙ୍କ ରଜଗୀତର ଲହରା ସ୍ୱର । ପୋଡପିଠା ଖାଇ , ପୁଅମାନଙ୍କ ତାସ ବାଗୁଡି ଖେଳ, ଆଉ ଝିଅ ମାନଙ୍କ ଗାଁ ବୁଲା, ଅଳତାଲଗା ସହ ରଜ ପାନ ଖାଇ ଓଠ ରଙ୍ଗେଇବାର ଏଇ ଏକ ଭିନ୍ନ ମଉକା । ମୌସୁମୀ ଆସିବାରେ ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ। ଆର୍ଦ୍ର ହୋଇଛି ମାଟି । ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦଉଛି – ଗାଁ ଭୁଇଁ । ହଳଦୀ ମୁଖା ନିରିମାଖୀ ଦେହରେ ସରଳା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ । ଋତୁମତୀ ଧରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହାନିୟା, ବନ୍ଦନୀୟା ହୋଇଛି ।

ତେଣେ ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏଇ ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳ । ଏବେ ଭୁଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା। ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି, ଫେରି ଆସିଥାନ୍ତି ଘରକୁ । ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହସ କୌତୁକର ଆସର ଭୁଲାଇ ଦିଏ କର୍ମମୟ ଜୀବନର ଅବସାଦ । ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳଛୁଆଁ ଶିହିରିତ କରେ ମତୀକୁ। ବାସୁମତି ବନ୍ଦନାର ଋତୁ ଇଏ । କ୍ଲାନ୍ତ ଧୂସର ଆକାଶରେ ପଇଁତରା ମରୁଛି ବାଦଲ। ଗଛର ସବୁଜିମା ଉପରେ ଆସ୍ତରଣ କମାଇଥିବା ବହଳ ଧୂଳି ଟୋପା ଟୋପା ମେଘରେ ଧୋଇ ହୋଇଯାଉଛି। ପ୍ରକୃତିର ସ୍ୱପ୍ନ ଓ ସୃଜନ ରଚିଛନ୍ତି ମାଳମାଳ କଙ୍କି ଓ ପ୍ରଜାପତି ।

ଅତଏବ ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ । ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ । ମୃଗଶିରା ନକ୍ଷତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରନୁସାରେ କୌଣସି ନାରୀର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳି, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ । ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ । ତେଣୁ ରଜ ପର୍ବ ଭାବେ ମଧ୍ୟ ପାଳନ କରାଯାଏ । ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି । ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି । ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି। ରଜ ଚାଷୀଘରେ ମଉଜ ମଜଲିସର ଉତ୍ସବ ହୋଇଥିବା ବେଳେ, ଆମର ଧର୍ମୀୟ ଭାବଧାରା ଭିଡ଼ରେ ଏହା ଯୋଡି ହୋଇଯାଇଛି କାହିଁ କେଉଁ କାଳରୁ । ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ଏଥିରେ ମଧ୍ୟ ଖୁବ ରୀତିନୀତି ସହ ରଜପର୍ବ ପାଳନ କରାଯାଇଥାଏ । ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଆଉ ନାଚଗୀତରେ ପୁଅଝିଅମାନେ ନାଚିଥାନ୍ତି । ବର୍ଷା ହିଁ ସୃଜନ ଓ ଶୃଙ୍ଗାର ଋତୁ। ନବଯୌବନପ୍ରାପ୍ତ ଝିଅଟିଏ ଅନ୍ୟ ଘରକୁ କନିଆଁ ହୋଇଯିବାର ସ୍ୱପ୍ନ ଦେଖେ ଏଇ ରଜ ଅବସରରେ। ସେଥିପାଇଁ ହିଁ ତାର ମନର ଭାବ ପ୍ରକାଶ ଲାଗି ଦୋଳିରେ ଆୟୋଜନ- ନିଆରା ସୁଯୋଗ ହୋଇଥାଏ । ରଜପର୍ବ ପାଞ୍ଚ ଦିନ ଧରି ପାଳନ କରାଯାଏ । ରଜର ପୂର୍ବ ଦିନକୁ ମାସନ୍ତ ବା ସଜବାଜ ଓ ପ୍ରଥମ ଦିନକୁ ପହିଲି ରଜ, ମଝି ରଜ ସଂକ୍ରାନ୍ତି, ଶେଷ ରଜ ଓ ଶେଷ ରଜ ପରଦିନ ବସୁମତୀ ସ୍ନାନ ବା ବାସି ରଜ କୁହାଯାଏ । ଯେପରି ଏକ ରଜସ୍ୱଳା ନାରୀ ମୋଟ ୪ ଦିନ ପାଇଁ ଅଛୁତ ରୁହେ ସେପରି ବସୁଧା ମାତାକୁ ଅକ୍ଷତ ଓ ଅସ୍ପର୍ଶ ରଖାଯାଏ । ଧରିତ୍ରୀ ନିଜେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢାଏ । ରଜ ହେଉଛି ଏକମାତ୍ର ପର୍ବ ଯାହା ୩ଦିନ ପାଳିତ ହେବା ସହ ପ୍ରଥମ ରଜର ପୂର୍ବ ଦିନ ଓ ଶେଷ ରଜର ପର ଦିନ ମଧ୍ୟ ଏହି ପର୍ବ ପାଳିତ ହୋଇଥାଏ । ଅନ୍ୟ କୌଣସି ପର୍ବପର୍ବାଣିରେ ପ୍ରାୟତଃ ଏପରି ହୋଇ ନଥାଏ।

ରଜ ପର୍ବର ଉତ୍ପତ୍ତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ଯଥାର୍ଥ ପ୍ରାମାଣିକ ତଥ୍ୟ ଅଦ୍ୟାବଧି ଗବେଷଣାତ୍ମକ ପଦ୍ଧତିରେ ନିର୍ଣ୍ଣୟ ହୋଇ ନଥିଲେ ହେଁ କିମ୍ବଦନ୍ତୀରେ ଏହାର ପ୍ରାଚୀନତା ଯଥେଷ୍ଟ ସାର୍ବଜନୀନ ଅଟେ । ଉତ୍କଳୀୟ ସାଂସ୍କୃତିକ ପରମ୍ପରା ସୁପ୍ରାଚୀନ ନିର୍ଦ୍ଦିଷ୍ଟ ଶୃଙ୍ଖଳାବୋଧ ସମନ୍ୱିତ ଚେତନା ସହିତ ଉତ୍ର ସଂସ୍କୃତିର ମୌଳିକତା, ବୈଦିକ ସଂସ୍କୃତିର ଗାମ୍ଭୀର୍ଯ୍ୟ, ବୈଷ୍ଣବ ପରମ୍ପରାର ଆତ୍ମୀୟତା ତଥା ଚୈତନ୍ୟ ପରମ୍ପରାର ସଦ୍ଭପ୍ରେମର ଅପୂର୍ବ ସମନ୍ୱୟରେ ଉନ୍ମେଷିତ ଓ ବିକଶିତ ହୋଇ ମହାର୍ଘ ପରିବେଶ ମଧ୍ୟରେ ଗୌରବାନ୍ୱିତ ହୋଇଛି ପ୍ରାଚୀନ ଉତ୍କଳୀୟ ପର୍ବପର୍ବାଣିସବୁ । ରଜ ଓଡ଼ିଶାର ଏକ ଗୌରବୋଜ୍ଜ୍ୱଳ ସାଂସ୍କୃତିକ ମହୋତ୍ସବ । ଏହି ଗୌରବୋଜ୍ଜ୍ୱଳ ମହୋତ୍ସବର ଐତିହ୍ୟରେ ଓଡ଼ିଶାର ହଜାର ହଜାର ବର୍ଷର ସଂସ୍କୃତି ଲୁକ୍କାୟିତ ହୋଇ ରହିଛି । ପ୍ରାଚୀନକାଳରୁ ଏହି ମହୋତ୍ସବ ସାମାଜିକ ସରସତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜାତିକୁ ଆନନ୍ଦ, ଉଲ୍ଲାସ, ଉଦ୍ଦିପନା ତଥା ସ୍ୱଜାତ୍ୟାଭିମାନର ପ୍ରେରଣା ପ୍ରଦାନ କରି ଆସିଛି । ରଜ ମହୋତ୍ସବ ଅବସରରେ ଅଗଣିତ ଓଡ଼ିଆ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇ ଥାଆନ୍ତି ।

ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ । କିମ୍ବଦନ୍ତୀ ବହୁଳ ରଜ ମହୋତ୍ସବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଥିବାର ଅନୁମାନ କରାଯାଏ । ଲଙ୍କାରେ ରାକ୍ଷସମାନଙ୍କର ମହା ପ୍ରତାପୀ ରାଜା ରାବଣ ରାଜୁତି କରୁଥିବାବେଳେ ମୟଦାନବ ନାମରେ ମଧ୍ୟ ଆଉ ଜଣେ ରାଜା ଅନ୍ୟ ଏକ ରାଜ୍ୟରେ ରାଜୁତି କରୁଥିଲେ । ଉଭୟେ ରାକ୍ଷସମାନଙ୍କର ରାଜା ହୋଇଥିବା କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖୁବ ନିବିଡ଼ ଥିଲା । ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା । ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା । ରାବଣ ସୁନ୍ଦର, ପ୍ରତିଭାବାନ ଓ ବୀରଥିବାରୁ ସେମାନେ ପରସ୍ପର ପ୍ରତି ଆକର୍ଷିତ ହେଲେ ଓ ମନ୍ଦୋଦରୀ ଅନ୍ତଃସତ୍ତ୍ୱା ହେଲେ । ମନ୍ଦୋଦରୀଙ୍କଠାରୁ ଅତି ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା । ଅବିବାହିତ କନ୍ୟା ଜନନୀ ହେବା ବାସ୍ତବିକ ଲୋକ ଲଜ୍ଜା ଓ କଳଙ୍କ । ଏଣୁ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଇଜକୁ (ମିଥିଳା ନଗର)କୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଥିଲେ । ଏହି ଶିଶୁ କନ୍ୟାଟିକୁ ମିଥିଳା ରାଜ୍ୟରେ ପୋତି ଦେଇଥିବା କାରଣରୁ ମିଥିଳାରେ ଅକାଳ ପଡ଼ିଲା। ବର୍ଷା ହେଲା ନାହିଁ । ମିଥିଳାବାସୀ ତ୍ରାହି ତ୍ରାହି କରିବାକୁ ଲାଗିଲେ । ମିଥିଳା ରାଜ୍ୟର ଜଣେ ପ୍ରଜାବତ୍ସଳ ରାଜା ଥିଲେ ଜନକ । ପ୍ରଜାଙ୍କର ଦୁଃଖଦୁର୍ଦ୍ଦଶା ଦେଖି ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ। ଜ୍ୟୋତିଷମାନଙ୍କର ମତ ଅନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ । "ର' ଅର୍ଥ ସଂସାର ଓ "ଜ' ଅର୍ଥ ଯୋଚିବା । ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହୋଇ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା । ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ । ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା । ପୌରାଣିକ ମତାନୁଯାୟୀ ସେହି ଦିନଠୁଁ ରଜ ପର୍ବର ଆରମ୍ଭ ବୋଲି ବିଶ୍ୱାସ କରାଯାଏ ।

ଆଉ ଏକ ଲୋକକଥା ହେଲା- "ଯେଉଁ ମାଟିରେ ଆମେ ବସବାସ କରି ରହିଛୁ ସେହି ମାଟି ହେଲା ଆମ ମା' । ରଜସ୍ୱଳା ହେବା ନାରୀର ଯେମିତି ଏକ ଧର୍ମ ଠିକ ସେମିତି ଏଇ ମାଟି ମା' ମଧ୍ୟ ବର୍ଷକୁ ଥରେ ରଜସ୍ୱଳା ହୋଇଥାଏ । ସାଧାରଣତଃ ନାରୀମାନେ ଗୃହକାର୍ଯ୍ୟରେ ବର୍ଷସାରା ବ୍ୟସ୍ତ ଥାଆନ୍ତି । ସଂସାର ଜଞ୍ଜାଳରେ ଆବଦ୍ଧ ହୋଇ ପଞ୍ଜୁରି ଭିତରେ ଶାରୀ ପରି ସେମାନେ ଜୀବନ ଅତିବାହିତ କରି ଥାଆନ୍ତି । ତେଲ ଲୁଣ ସଂସାରରେ ସୁଖ ଦୁଃଖକୁ ନେଇ ସେମାନେ କାଳାତିପାତ କରୁଥିଲେ ସୁଦ୍ଧା ମୁକ୍ତ ଆକାଶ ମୁକ୍ତ ପବନ ସାଙ୍ଗକୁ ଗୋଷ୍ଠୀମୟ ସାମୂହିକତା ଓ ସରସତା ପୂର୍ଣ୍ଣ ଜୀବନ ବିତାଇବାକୁ ସେମାନେ ସଦାସର୍ବଦା ତତ୍ପର ହୋଇଉଠନ୍ତି । ରଜପର୍ବ ଝିଅ ଭୁଆସୁଣୀମାନଙ୍କ ପର୍ବ ହୋଇଥିବା ଦୃଷ୍ଟିରୁ ତାଙ୍କର ମଧ୍ୟ ସମନ୍ୱୟ ସମ୍ପର୍କ ଗଢ଼ିଉଠେ । ତନ, ମନ, ଭାବର ଆଦାନ ପ୍ରଦାନ ମଧ୍ୟ ହୋଇଥାଏ । ନାଚଗୀତର ଅପୂର୍ବ ସମନ୍ୱୟରେ ଗଢ଼ିଉଠେ ନାରୀମାନଙ୍କ ଗୋଷ୍ଠୀମୟ ସାମାଜିକ ସମ୍ପର୍କ । ରକ୍ଷଣଶୀଳତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ମିଥ୍ୟାଚାର, ଅଶିକ୍ଷା, ଅଜ୍ଞତା ଓ ସ୍ୱାର୍ଥ ରତାକୁ ତ୍ୟାଗକରି ସମସ୍ତେ ହୋଇ ଉଠନ୍ତି ଏକାକାର । ସମୟର କଷଟି ପଥରରେ ଘୋରି ହୋଇ ଲୁପ୍ତ ହେବାକୁ ବସିଲାଣି ପୁରାତନର ମଧୁମୟ ସଂସ୍କୃତି । ଆଧୁନିକତାର କୃତ୍ରିମ ମହକରେ ବିମୋହିତ ହୋଇ ଭୁଲି ଗଲୁଣି ବୈଦିକ ପରମ୍ପରାର ମୌଳିକତା ଓ ଆତ୍ମୀୟତାକୁ । ଗ୍ରହଣ କରି ନେଲୁଣି ପାଶ୍ଚାତ୍ୟର ରଙ୍ଗରସର ରଙ୍ଗିନ ସଂସ୍କୃତିକୁ । ସମୟ ଆସିଛି ପୁଣି ସେହି ପାରମ୍ପରିକ ରଜ ମହୋତ୍ସବକୁ ଆମ ପର ପିଢି ପାଇଁ ଉଦ୍‌ଜୀବିତ କରିବା ପାଇଁ । ଆମକୁ ସବୁଦିନ ପାଇଁ ମନେରଖିବାକୁ ପଡ଼ିବ ଯେ ଆମ ସଂସ୍କୃତିର ସ୍ୱତନ୍ତ୍ରତା, ସ୍ୱାବଲମ୍ବନତା ଓ ପ୍ରାଚୀନତାକୁ । ସେ ହିଁ ଆମ ଗର୍ବ ଓ ଗୌରବ।

# ଆମ ଗଣପର୍ବ-ରଜ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫



ପ୍ରାଚୀନ କାଳରୁ ଓଡିଶାର କଳା, ସାହିତ୍ୟ,ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧାତ୍ମିକ କ୍ଷେତ୍ରେର ଭାରତ ବର୍ଷରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରଦର୍ଶନ କରିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପର୍ବ ପର୍ବାଣି ଗୁଡିକର ବୈଶିଷ୍ଟ ଓ ମହତ୍ୱ ରହିଅଛି। ପର୍ବ ପର୍ବାଣିକୁ ବାଦ୍ ଦେଲେ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବ ପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ତେଣୁ ଅଭିଜ୍ଞ, ଚିନ୍ତାଶୀଳ, ସମାଜ ହିତୈଷୀ ମହାମାନବ ମାନେ ଅତୀତରେ ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବ ପର୍ବାଣି। କଥାରେ ଅଛି- 'ବାର ମାସରେ ତେର ପର୍ବ', ଅର୍ଥାତ୍ ବେଳ କାଳ ତୁଳନାରେ ବହୁ ପର୍ବ ଓଡିଶାରେ ଅନୁଷ୍ଠିତ ହୁଏ। ମାନବ ଜୀବନ ସହିତ ପର୍ବ ପର୍ବାଣୀର ଘନିଷ୍ଠ ସମ୍ବନ୍ଧ ରହିଛି। ଏଣୁ କର୍ମ କ୍ଳାନ୍ତ ଜୀବନକୁ ହାଲ୍‌କା ଓ ଉଲ୍ଲସିତ କରିବା ପାଇଁ ବୋଧହୁଏ କୃଷି ପ୍ରଧାନ ଓଡିଶାରେ ବିବିଧ ପର୍ବପର୍ବାଣିର ସୃଷ୍ଟି। ତନ୍ମଧ୍ୟରୁ ରଜ ପର୍ବ ଅନ୍ୟତମ। ଓଡିଶାର ଗଣ ପର୍ବ ରୂପେ ରଜ ପର୍ବ ସବର୍ତ୍ର ପାଳିତ ହୁଏ।

ସାଧାରଣତଃ ଜ୍ୟେଷ୍ଠ ମାସରେ ରଜ ପର୍ବ ପଡିଥାଏ। କେବେ କେବେ ଜ୍ୟେଷ୍ଠ ଓ ଆଷାଢ଼ର ସନ୍ଧି କ୍ଷଣରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥାଏ। ତିନି ଦିନ ଧରି ଲୋକେ ରଜ ଉତ୍ସବ ପାଳନ କରନ୍ତି। ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତିୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ଶେଷ ରଜ ବା ଭୁମି ଦହନ ନାମରେ ପରିଚିତ। ଶେଷ ରଜର ପରବର୍ତ୍ତୀ ଦିନ ବସୁମତୀ ସ୍ନାନ ଓ ଠାକୁରାଣୀ ବୁଡ ପହିଲି ରଜର ପୂର୍ବ ଦିନ ସଜବାଜ ଦିନ, ସେହିଦିନ ଠାରୁ ରଜ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଅପୁର୍ବ ଉତ୍ସାହ ଓ ଉଦ୍ଦୀପନା ରହିଥାଏ। ଏଣୁ ରଜ ପାଇଁ ଖାଦ୍ୟ ପେୟ ଆଦି ଯାବତୀୟ ଜିନିଷ ପୂର୍ବ ଦିନରୁ ପ୍ରସ୍ତୁତ୍ ହୋଇଥାଏ। ଖାଇବା, ପିଇବା, ମୌଜ ମଜଲିସ ରଜର ମୁଖ୍ୟ କଥା। କଥାରେ ଅଛି ରଜଠାରୁ ଆଉ ମଉଜ ନାହିଁ। ରଜରେ ପିଠା ପଣାର ସୁଅ ଛୁଟେ। ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳର ସଦ୍ ବ୍ୟବହାର କରାଯାଏ।

ଓଡିଶାର ସାମାଜିକ ପରମ୍ପରାରେ ରଜ ଏକ ଖାଣ୍ଟି ଓଡିଆ ପର୍ବ । ପିଠା ପଣା, ଭୋଜି ଭାତ, ନାଚ ଗୀତ, ଖେଳ ଓ ଭ୍ରମଣରେ ତ୍ରିଦିନାତ୍ମକ ରଜ ଓଡିଆ ନରନାରୀକୁ ସମ୍ମୋହିତ କରେ। ରଜ ଦୋଳି ରଜ ପବର୍ର ବିଶେଷ ଆକର୍ଷଣ। ଝିଅମାନଙ୍କ କଣ୍ଠରୁ ଶୁଣାଯାଏ ମନଫୁଲାଣିଆ ରଜ ଦୋଳି ଗୀତ।

" ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସୁଛି ରଜ ଲୋ ଘେନି ନୂଆ ସଜବାଜ"

ଦୋଳି ଖେଳ ବ୍ୟତୀତ ତାସ୍, ଲୁଡୁ, କଉଡି, ଚେସ୍, କ୍ୟାରମ୍, ପଶା ଓ ବାଗୁଡି ପ୍ରଭୃତି ଖେଳ ରଜରେ ହୋଇଥାଏ। ତାସ୍ ଖେଳ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ। ବର୍ତ୍ତମାନ କ୍ରିକେଟ୍ ଖେଳର ବହୁଳ ପ୍ରଚଳନ ଯୋଗୁଁ ରଜରେ କ୍ରିକେଟ୍ ମ୍ୟାଚ୍‌ମାନ ଅନୁଷ୍ଠିତ ହୋଇଥାଏ ଦେବଦେବୀମାନଙ୍କ ନିକଟରେ ଯାତ୍ରା ଉତ୍ସବ ଆୟୋଜନ କରାଯାଏ। ସଂଗୀତ, ପାଲା, ଦାସ୍ କାଠିଆ ଓ ନାଚ ରଜ ଉତ୍ସବକୁ ଅଧିକ ଆମୋଦିତ କରିଥାଏ। ଏହିଦିନ ବହୁ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ଗାଁ ଗହଳିରେ ଝିଅ ବୋହୂମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନ ବୁଲିଯାଆନ୍ତି । କେହି କେହି ବିଭିନ୍ନ ଦର୍ଶନୀୟ ସ୍ଥାନର ପରିଭ୍ରମଣରେ ଯାଇଥାନ୍ତି ।

ରଜ ପବର୍ରେ ଭୂମିକୁ ସ୍ପର୍ଶ ନ କରିବା ପାଇଁ ପାଦରେ ଗୁଆ ଖୋଳପା ଓ କଦଳି ପଟୁକାରେ ଯୋତା ତିଆରି କରି ପରିଧାନ କରନ୍ତି। ଆଜି କାଲି ଯୋତା ଓ ଚପଲର ବ୍ୟବହାର କଲେଣି। ରଜ ପର୍ବରେ ମସିଣା ଉପରେ ବସନ୍ତି, ତଳେ ବସନ୍ତି ନାହିଁ। କାରଣ- ସେହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି କଥିତ ଅଛି। ଯେପରି ରଜସ୍ୱଳା ନାରୀକୁ ସ୍ପର୍ଶ କରିବା ଅନୁଚିତ୍, ପୃଥିବୀକୁ ମଧ୍ୟ ସେହି କାରଣରୁ ରଜଦିନ ସ୍ପର୍ଶ କରିବା ଅନୁଚିତ୍। ରଜ ଦିନ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନ କ୍ଷମ ହେଲା ବୋଲି ଧରାଯାଇଥାଏ। ତତ୍ ପରେ ତାହାକୁ କର୍ଷଣ କରି ବୀଜ ବପନ କଲେ ପୃଥିବୀ ଶସ୍ୟ ଉତ୍ପାଦନ କରେ। ତେଣୁ ରଜ ପର୍ବ କୃଷକ ମାନଙ୍କର ଏକ ପର୍ବ ହେଲେ ମଧ୍ୟ ତାଙ୍କର କର୍ତ୍ତବ୍ୟ ସୂଚାଇ ଦେଇଥାଏ।

ରଜ ଓଡିଶାର ଏକ ପ୍ରଧାନ ଗଣ ପର୍ବ। ଏହା କେବଳ ଆମୋଦ ପ୍ରମୋଦର ପର୍ବ ନୁହେଁ। ସହୃଦୟତା ଓ ଭାତୃତ୍ୱର ବନ୍ଧନ ପର୍ବ। ବାହ୍ୟ ଆଡମ୍ବର ଅପେକ୍ଷା ରଜ ପବର୍ର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତି ହୃଦୟଙ୍ଗମ କରିବା ଉଚିତ୍ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା, ବନ୍ଧୁତ୍ୱ ଓ କୃଷିର ବିକାଶ ରଜ ପବର୍ର ମୁଖ୍ୟ ଉଦ୍ଦେଶ୍ୟ।

# ଆନନ୍ଦ ଉଲ୍ଲାସର ପର୍ବ ରଜ



କବିତା ମିଶ୍ର
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ନିଳାଦ୍ରୀ ବିହାର, ଭୁବନେଶ୍ୱର-୨୧
ମୋ- ୯୯୩୭୦୩୩୭୫୦

ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପରେ ମଣିଷ ଜୀବଜନ୍ତୁ, ଗଛଲତା ସମସ୍ତେ ଅତିଷ୍ଠ ହୋଇପଡନ୍ତି। ନଈ ନାଳ ସବୁ ଶୁଖିଯାଏ । ଚାଷୀ ଚାହିଁ ରହିଥାଏ ବର୍ଷାକୁ । ମା'ଟି ମାଆକୁ ପୂଜା କରେ। ବସୁମତୀ ରଜସ୍ୱଳା ହୁଏ। ଧରା ପୃଷ୍ଠକୁ ଓହ୍ଲାଇ ଆସେ ବର୍ଷା । ମାଟି ଓ ବର୍ଷାର ମିଳନ ଘଟେ । ଜ୍ୟେଷ୍ଠମାସ ଶେଷରେ ବର୍ଷାଋତୁର ଆରମ୍ଭରେ ଆନନ୍ଦ ଉଲ୍ଲାସ ସହିତ ରଜ ପର୍ବ ପାଳନ କରାଯାଏ ।

ରଜ ଏକ କୃଷିଭିତ୍ତିକ ପର୍ବ । ଧାର୍ମିକ- ସାମାଜିକ ଭାବଧାରା ମଧ୍ୟ ଏଥି ସହିତ ଜଡିତ । ଏହି ପବର୍ର ବିଶିଷ୍ଟ ଆକର୍ଷଣ ହେଲା ପୃଥିବୀ 'ମା' ରଜସ୍ୱଳା ହୁଏ । ତେଣୁ ରଜ ତିନି ଦିନ ପାଳନ କରାଯାଏ । ଭୂମିକୁ କର୍ଷଣ କରାଯାଏ ନାହିଁ । ସ୍ତ୍ରୀ ଲୋକ ଏବଂ ଝିଅମାନେ କିଛି କାମ କରନ୍ତି ନାହିଁ । ଦେବୀ ମନ୍ଦିର ମାନଙ୍କରେ ପୂଜା ବିଧି ବନ୍ଦ ରହେ । ସମସ୍ତେ ଘରେ ରହି ବିଭିନ୍ନ ପିଠାପଣା ଖାଇ ଖୁବ୍ ଧୁମ୍‌ଧାମରେ ଏହି ପର୍ବକୁ ପାଳନ କରନ୍ତି । ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂଦାହ ବା ଭୂମି ଦହନ ନାମରେ ପରିଚିତ । ଚତୁର୍ଥ ଦିନ ବସୁମତୀକୁ ସ୍ନାନ କରାଯାଏ । ରଜ ତିନିଦିନ ଯାକ ଗାଁରେ ଚାଷବାସ ମାଟିଖୋଳା କିଛି କାମଧନ୍ଦା କରାଯାଏ ନାହିଁ । ଝିଅ ଏବଂ ସ୍ତ୍ରୀ ଲୋକମାନେ କୌଣସି ପୂଜାବିଧି କରନ୍ତି ନାହିଁ । ଏପରିକି ପରିବା କଟାକଟି ଶିଳରେ ବଟାବଟି ମଧ୍ୟ କରନ୍ତି ନାହିଁ । ସମସ୍ତେ ନୂଆ ପୋଷାକ ପିନ୍ଧି ଆନନ୍ଦରେ ଖାଇ 'ପି' ମଉଜ ମଜଲିସ କରନ୍ତି । କଥାରେ ଅଛି ରଜ ଠାରୁ ମଉଜ ଆଉ ନାହିଁ । ଘରେ ଘରେ ପୋଡପିଠା ସହିତ, ମଣ୍ଡା, କାକରା, ଆରିଷା ପିଠା ରଜ ପୂର୍ବ ଦିନଠାରୁ ହୋଇଥାଏ । ଝିଅମାନେ ଚାହିଁ ବସିଥାନ୍ତି ରଜ କେବେ ଆସିବ । ରଜରେ ଝିଅମାନେ ସାଙ୍ଗସାଥି ସଂଗାତ, ବଉଳମାନଙ୍କ ସହିତ ମିଶି ମଜା କରନ୍ତି । ଝିଅମାନେ ରଜ ଆଗରୁ ସଜବାଜ ଜିନିଷ ନୂଆ ପୋଷାକ ସବୁ କିଣି ରଖନ୍ତି । ରଜ ସଜବାଜ ହୋଇ ବୁଲିବେ ଏବଂ ଘରେ ନୂଆ ବୋହୂମାନେ ସଜ ହୋଇ ବସିବେ । ତେଣୁ କଥାରେ ଅଛି " ବନସ୍ତେ ଡାକିଲା ଗଜ/ବରଷକ ଥରେ/ଆସିଛି ରଜଲୋ/ଘେନି ନୂଆ ସଜବାଜ ।/ ରାଶିରୁ ଛାଡିଲା ଚୋପା/ଗୋଡରେ ନାଇଛୁ/ସରୁ ଅଳତା ଲୋ/ମୁଣ୍ଡରେ ସିନ୍ଦୁର ଟୋପା ।"

ରଜ ଦିନ ରାତିରୁ ଉଠି ଝିଅ ବୋହୂମାନେ ସଜବାଜ ହୋଇଥାନ୍ତି। ରଜ ଦିନ ପୋଡପିଠା ଖାଇ ସମସ୍ତେ ଆନନ୍ଦରେ ବୁଲନ୍ତି । ଏକାଠି ମିଶି ପୁଚି ଖେଳନ୍ତି । ଦୋଳ ଖେଳ ରଜର ଅନ୍ୟତମ ଆକର୍ଷଣ । ଝିଅମାନେ ରଜ ଦୋଳିରେ ବସି ଗୀତର ଲହରୀ ଛୁଟାଇ ଦେଇଥାନ୍ତି – "ରଜଦୋଳି କଟମଟ/ମୋ ଭାଇ ମୁଣ୍ଡରେ/ସୁନା ମୁକୁଟ, ସୁନା ମୁକୁଟଲୋ/ଦିଶୁଅଛି ଜକଜକ ।" ଝିଅମାନେ ନାଚି ଗୀତଗାଇ ପୁଚି ଖେଳି, ପିଠାଖାଇ ଆନନ୍ଦ ମଉଜରେ ସମୟ ଚାଲିଯାଏ ଜାଣି ପାରନ୍ତି ନାହିଁ। ପୁଅମାନେ ଅତି ଖୁସିରେ ତାସ, କବାଡି, ଲୁଡୁ, ବୋହୂଚୋରି ଖେଳ ଖେଳିଥାନ୍ତି । ଝିଅ ଜ୍ୱାଇଁ ବଂଧୁ ବାନ୍ଧବମାନେ ଆସନ୍ତି । ଆଈ, ଜେଜେ 'ମା' ପାନ ପସରା ଖୋଲି ବସିଥାନ୍ତି। ପାନ ସମସ୍ତଙ୍କୁ ଖୁଆଇ ଦିଅନ୍ତି । ଏହି ପାନ ପରସ୍ପର ପ୍ରତି ମଧୁର ସଂପର୍କ ବଢାଏ । ରଜ ପରଦିନ ବସୁଧାକୁ ପୂଜା କରାଯାଏ । ହଳଦୀ ପାଣି ଭୂମିରେ ଢାଳି ଚନ୍ଦନ ସିନ୍ଦୂର ଦେଇ ପୂଜା କରାଯାଏ। ବିଭିନ୍ନ ପ୍ରକାର ଫଳ ଭୋଗହୁଏ । ହୁଳହୁଳି ପକାଇ ମାଆ ଅଗଣାରେ ପୂଜା କରି ଧୂପଦୀପରେ ଭୂମିକୁ ବନ୍ଦାପନା କରନ୍ତି । ବିଭିନ୍ନ ଦେବୀ ପୀଠ ମାନଙ୍କରେ ତିନିଦିନ ପୂଜା ବନ୍ଦଥାଏ। ବସୁମତୀ ସ୍ନାନ ଦିନ ଠାକୁରାଣୀମାନଙ୍କୁ ମାଜଣା କରି ନୂତନ ବସ୍ତ୍ର ପରିଧାନ କରାଇ ପୂଜା କରନ୍ତି । ବସୁମତୀ ପୂଜାର ଉଦ୍ଦେଶ୍ୟ ହେଲା, ଆମ ଧରଣୀ ଖୁସି ହୋଇ ଶସ୍ୟଶ୍ୟାମଳା ହୋଇଉଠୁ । ଚଷାପୁଅମାନେ ରଜ ଉତ୍ସବ ପାଳନ କରି ତା ପରଦିନ ଇନ୍ଦ୍ରଦେବତାଙ୍କୁ ସ୍ମରଣ କରି ଗାଇ ଉଠନ୍ତି – " ଜଳଦାନ କର ଇନ୍ଦ୍ରଦେବତା/ଶସ୍ୟ ଭରିଦେଉ ବସୁଧା ମାତା ।"

ସମସ୍ତଙ୍କ ପ୍ରାର୍ଥନା ଶୁଣି ଇନ୍ଦ୍ରଦେବତା ବରଷା ଦାନ କରନ୍ତି । ଫଳରେ ଗ୍ରୀଷ୍ମ ପ୍ରଭାବ କମିଯାଏ। ବରଷା ଜଳ ପାଇ ପୃଥିବୀ ଶସ୍ୟଶ୍ୟାମଳା ହୋଇଉଠେ। ଚଷାପୁଅ ହଳ ଲଙ୍ଗଳ ଧରି ଜମି ଚାଷ କରି ଫସଲ ଉତ୍ପାଦନ କରିବାରେ ଲାଗିପଡନ୍ତି ।

ଆଜିକାଲି ଗାଁ ପରି ସହରମାନଙ୍କରେ ରଜ ପର୍ବ ମହା ଆଡମ୍ବରରେ ପାଳନ କରାଯାଉଛି । ପୁଅ, ଝିଅ ଠାରୁ ଆରମ୍ଭ କରି ଅଜା, ଆଈ, ଜେଜେ, ଜେଜେ ମା' ସମସ୍ତେ ରଜ ପର୍ବ ପାଳନ କରୁଛନ୍ତି । କେଉଁଠି ଗୃହିଣୀ ମାନଙ୍କ ଦ୍ୱାରା ପିଠା ପ୍ରତିଯୋଗିତା ସହିତ, ନାଚ, ଗୀତ, କ୍ୟୁଇଜ୍, ହୁଳହୁଳି, ମୂରୁଜ, ଚିତା, ଝୋଟି ପ୍ରଭୃତିର ପ୍ରତିଯୋଗିତା ହେଉଛି । ପିଲାମାନଙ୍କର ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି । ଏହିପରି ସମସ୍ତେ ମିଳିମିଶି ରଜ ତିନିଦିନ ବେଶ୍ ମଉଜ କରି ଆବାଳ ବୃଦ୍ଧ ବନୀତା ସ୍ନେହ ମମତାରେ ଛନ୍ଦି ହୋଇଯାଆନ୍ତି ।

ଓଡିଶାରେ ବହୁ ଆଡମ୍ବରରେ ରଜ ପର୍ବ ପାଳନ ହେଉଅଛି। ଆମ ସଂସ୍କୃତି ପରମ୍ପରା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ରଜ ପର୍ବରୁ ହିଁ ଜଣାପଡିଥାଏ ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ବିସିସିଆଇକୁ ବଡ଼ ଝଟ୍‌କା



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ଆୟୋଜନ କରିବାର ସ୍ୱପ୍ନ କିଛି ବର୍ଷ ପାଇଁ ଅଧୁରା ରହିପାରେ। ବିସିସିଆଇକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଠାରୁ ଏକ ବଡ଼ ଝଟକା ଲାଗିପାରେ। ଡବ୍ଲୁଟିସି ଆରମ୍ଭ ହେବା ଦିନଠାରୁ, ଫାଇନାଲ ମ୍ୟାଚ ଇଂଲଣ୍ଡରେ ଅନୁଷ୍ଠିତ ହେଉଛି। ବିସିସିଆଇ ଭାରତରେ ଡବ୍ଲୁଟିସି ଫାଇନାଲ ଆୟୋଜନ କରିବା ବିଷୟ ଆଇସିସିକୁ ଚିଠି ପଠାଇଥିଲା, କିନ୍ତୁ ଇଂଲଣ୍ଡ ପରବର୍ତ୍ତୀ ତିନୋଟି ଡବ୍ଲୁଟିସି ଫାଇନାଲ ମଧ୍ୟ ଆୟୋଜନ କରିବ।

ଯଦି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର କମାଣ୍ଡ ୨୦୨୯–୩୧ ସିଜିନ ପର୍ଯ୍ୟନ୍ତ ଇଂଲଣ୍ଡ ପାଖରେ ରହିବ, ତେବେ ଭାରତକୁ ଡବ୍ଲୁଟିସି ଫାଇନାଲ ଆୟୋଜନ କରିବା ପାଇଁ ପ୍ରାୟ ୮ ବର୍ଷ ଅପେକ୍ଷା କରିବାକୁ ପଡିବ। ଜୁଲାଇ ୨୦୨୫ରେ ସିଙ୍ଗାପୁରରେ ଅନୁଷ୍ଠିତ ହେବାକୁ ଥିବା ଆଇସିସିର ବାର୍ଷିକ ସମ୍ମିଳନୀରେ ଘୋଷଣା କରାଯାଇପାରେ ଯେ, ଇଂଲଣ୍ଡ ଆଗାମୀ ତିନି ଥର ପାଇଁ ଡବ୍ଲୁଟିସି ଫାଇନାଲ ଆୟୋଜନ କରିବ।

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଗତ ଛଅ ବର୍ଷ ଧରି ଭାରତକୁ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ କରିବା ପାଇଁ ନିରନ୍ତର ଚେଷ୍ଟା କରିଆସୁଛି। କିନ୍ତୁ ବିଶ୍ୱ କ୍ରିକେଟର ବିସିସିଆଇର ପ୍ରଭାବ ବଢ଼ୁଥିବା ସତ୍ତ୍ୱେ, ଆୟୋଜନ ମିଳିପାରି ନାହିଁ। ସେହି ସମୟରେ, ପୂର୍ବତନ ବିସିସିଆଇ ସଚିବ ଜୟ ଶାହ ବର୍ତ୍ତମାନ ଆଇସିସିର ଅଧ୍ୟକ୍ଷ ଅଛନ୍ତି, ଏହା ସତ୍ତ୍ୱେ, ଏହି ସୁଯୋଗ ଭାରତର ହାତରୁ ଖସି ଯାଉଥିବା ପରି ମନେ ହେଉଛି।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ପ୍ରଥମ ଫାଇନାଲ ୨୦୨୧ ମସିହାରେ ଖେଳାଯାଇଥିଲା, ଯାହା ଇଂଲଣ୍ଡର ସାଉଥାମ୍ପଟନ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିଲା। ସେହି ସମୟରେ, ଦ୍ୱିତୀୟ ଡବ୍ଲ୍ୟୁଟିସି ଫାଇନାଲ ୨୦୨୩ ମସିହାରେ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା। ସେହି ସମୟରେ, ତୃତୀୟ ଫାଇନାଲ ଲର୍ଡସରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଉଛି।

# ଡବ୍ଲ୍ୟୁଟିସି ଫାଇନାଲ : ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଚାମ୍ପିଅନ ହେଲା ଦକ୍ଷିଣ ଆଫ୍ରିକା

**ଲର୍ଡସ**

ଟେମ୍ବା ବାଭୁମାଙ୍କ ଅଧିନାୟକତ୍ୱରେ ଦକ୍ଷିଣ ଆଫ୍ରିକା ଟିମ ଇତିହାସ ରଚିଛି । ଲର୍ଡସରେ ଶନିବାର ଖେଳାଯାଇଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ୨୦୨୫ର ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରିଛି । ଫଳରେ ଦକ୍ଷିଣ ଆଫ୍ରିକା ବିଶ୍ୱକପ ପାଇଁ ୩୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ପ୍ରଥମ ଥର ପାଇଁ ସିନିୟର କ୍ରିକେଟରେ ବିଶ୍ୱ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି।



ଦକ୍ଷିଣ ଆଫ୍ରିକାର ଏହି ବିଜୟର ହିରୋ ସାଜିଥିଲେ ଦ୍ରୁତ ବୋଲର କାଗିସୋ ରାବାଡ଼ା ଏବଂ ଓପନର ଏଡେନ ମାର୍କରାମ ରାବାଡା। ମ୍ୟାଚ୍‌ର ୯ ୱିକେଟ ନେଇଥିଲେ ଏବଂ ମାର୍କରାମ ଚତୁର୍ଥ ଇନିଂସରେ ଏକ ଚମତ୍କାର ଅପରାଜିତ ଶତକ ହାସଲ କରିଥିଲେ। ସେହି ସମୟରେ ଅଧିନାୟକ ଟେମ୍ବା ବାଭୁମା ମଧ୍ୟ ହାମଷ୍ଟ୍ରିଙ୍ଗ ଆଘାତ ସହିତ ଲଢ଼ୁଥିବା ସମୟରେ ଏକ ଉତ୍କୃଷ୍ଟ ୬୬ ରନର ଇନିଂସ କରିଥିଲେ।

ଦକ୍ଷିଣ ଆଫ୍ରିକା ୨୭ ବର୍ଷ ପୂର୍ବେ ୧୯୯୮ ମସିହାରେ ଚାମ୍ପିଅନ୍ସ ଟ୍ରଫି ( ନକ ଆଉଟ ଟ୍ରଫି) ରୂପରେ ଶେଷ ଟାଇଟଲ ଜିତିଥିଲା। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକାକୁ ଜିତିବା ପାଇଁ ୨୮୨ ରନର ଟାର୍ଗେଟ ଦେଇଥିଲା । ଏଡେନ ମାର୍କରାମ ଏବଂ ଟେମ୍ବା ବାଭୁମାଙ୍କ ବ୍ୟାଟିଂ ଯୋଗୁ ଦକ୍ଷିଣ ଆଫ୍ରିକା ପାଇଁ ବିଜୟ ପଥ ସହଜ ହୋଇଯାଇଥିଲା। ପରିଣାମ ସ୍ୱରୂପ ଦକ୍ଷିଣ ଆଫ୍ରିକା ଇତିହାସ ରଚିଛି।

# ଅହମ୍ମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଭୟଭୀତ ୱାର୍ଣ୍ଣର, ନେଲେ ବଡ଼ ନିଷ୍ପତ୍ତି



**ନୂଆଦିଲ୍ଲୀ**

ଅଷ୍ଟ୍ରେଲୀୟ କ୍ରିକେଟର ଡେଭିଡ ୱାର୍ନର ଭାରତକୁ ଭଲ ପାଆନ୍ତି। କିନ୍ତୁ ଗୁରୁବାର ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ସେ ବେଶ ମର୍ମାହତ ହୋଇଛନ୍ତି। ଏହି ଘଟଣା ପରେ ସେ ଏକ ବଡ଼ ନିଷ୍ପତ୍ତି ନେଉଛନ୍ତି। ସେଇଟି ହେଲା ସେ ଆଉ କେବେ ଏହି ବିମାନରେ ଯାତ୍ରା କରିବେ ନାହିଁ। ଜୁନ ୧୨ରେ ଅହମ୍ମଦାବାଦରେ ଘଟିଥିବା ହୃଦୟବିଦାରକ ଘଟଣା ନୁହେଁ, ବରଂ ଏହା ପଛରେ ଥିବା ବାସ୍ତବତା ମଧ୍ୟ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ କରିଛି ବୋଲି ୱାର୍ନର କହିଛନ୍ତି। ୱାର୍ନର ନିଜେ ତାଙ୍କ ଇନଷ୍ଟା ଷ୍ଟୋରୀରେ ଏହି ସମସ୍ତ କଥା ଉଲ୍ଲେଖ କରିଛନ୍ତି।

ଅଷ୍ଟ୍ରେଲିଆର ପୂର୍ବତନ ବାମହାତୀ ଓପନର ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଅହମ୍ମଦାବାଦ ବିମାନ ଦୁର୍ଘଟଣା ଉପରେ ପ୍ରତିକ୍ରିୟା ଦେଇଛନ୍ତି। ପ୍ରଥମେ ସେ ସମଗ୍ର ଘଟଣାକୁ ଦୁଃଖଦ କହିଛନ୍ତି। ତା'ପରେ ସେ କହିଛନ୍ତି ଯେ ତାଙ୍କର ଉଦ୍ଦେଶ୍ୟ ଥିଲା ସମଗ୍ର ପରିବାର ସହ ଏୟାର ଇଣ୍ଡିଆରେ ଯାତ୍ରା କରିବାକୁ। କିନ୍ତୁ ଏବେ ନୁହେଁ। ସେ କହିଛନ୍ତି ଯେ ସେ ଆଉ କେବେ ଏୟାର ଇଣ୍ଡିଆରେ ଯାତ୍ରା କରିବେ ନାହିଁ। ଏହି ବୟାନର କାରଣ ହେଉଛି ଏୟାର ଇଣ୍ଡିଆର ପୂର୍ବତନ କ୍ରୁ ସଦସ୍ୟଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ, ଯେଉଁଥିରେ ସେ ତ୍ରୁଟିପୂର୍ଣ୍ଣ ବିମାନର ନିରନ୍ତର ବ୍ୟବହାର ବିଷୟରେ ଉଲ୍ଲେଖ କରିଥିଲେ।

ୱାର୍ନର ଆଉ ଏକ ଷ୍ଟୋରୀ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ଆଉ ଏକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ନିରୀହ ଲୋକଙ୍କ ଜୀବନ ସହିତ ଏହିପରି ଖେଳି ଲାଭ ଅର୍ଜନ କରିବା ଅତ୍ୟନ୍ତ ଲଜ୍ଜାଜନକ।

ସୂଚନାଯୋଗ୍ୟ, ୱାର୍ନର ୧୫ ବର୍ଷ ଧରି ଅଷ୍ଟ୍ରେଲିଆ ପାଇଁ କ୍ରିକେଟ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୧୧୨ଟି ଦିନିକିଆ, ୧୬୨ଟି ଟେଷ୍ଟ ଏବଂ ୧୧୦ଟି ଟି–୨୦ ମ୍ୟାଚ ଖେଳିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟରେ ଏହି ତିନୋଟି ଫର୍ମାଟରେ ମିଳିତ ଭାବରେ ୧୮୦୦୦ରୁ ଅଧିକ ରନ କରିଛନ୍ତି। ଏହି ଅଷ୍ଟ୍ରେଲୀୟ ଓପନିଂ ବ୍ୟାଟସମ୍ୟାନ ଅନ୍ତର୍ଜାତୀୟ କ୍ରିକେଟରେ ୪୯ଟି ଶତକ କରିଛନ୍ତି, ଯାହା ମଧ୍ୟରୁ ସର୍ବାଧିକ ୨୬ଟି ଟେଷ୍ଟରେ, ୨୨ଟି ଦିନିକିଆରେ ଏବଂ ୧ଟି ଶତକ ଟି–୨୦ରେ ରେକର୍ଡ କରାଯାଇଛି।

ୱାର୍ନରଙ୍କ ନାମ ଆଇପିଏଲ୍‌ରେ ସବୁଠାରୁ ସଫଳ ବ୍ୟାଟ୍‌ସମ୍ୟାନଙ୍କ ମଧ୍ୟରେ ମଧ୍ୟ ସାମିଲ ହୋଇଛି। ସେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସର୍ବାଧିକ ରନ ସ୍କୋର କରିଥିବା ବିଦେଶୀ ଖେଳାଳି। ସେ ୧୮୪ଟି ଆଇପିଏଲ୍ ମ୍ୟାଚରେ ୬୫୬୫ ରନ୍ କରିଛନ୍ତି, ଯେଉଁଥିରେ ତାଙ୍କର ସର୍ବୋତ୍ତମ ସ୍କୋର ୧୨୬ ରନ।

# ଆଇପିଏଲ ପରେ ଆଉ ଏକ ଫାଇନାଲରେ ପୁଣି ଭାଙ୍ଗିଲା ଶ୍ରେୟସ ଆୟାରଙ୍କ ହୃଦୟ

**ମୁମ୍ବାଇ**

ଫାଇନାଲରେ ଶ୍ରେୟସ ଆୟାରଙ୍କ ଭାଗ୍ୟ ତାଙ୍କ ସାଙ୍ଗରେ ନଥାଏ ବୋଲି ଜଣାପଡୁଛି। ପଞ୍ଜାବ କିଙ୍ଗସ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୫ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ହାତରେ ପରାଜୟ ବରଣ କରିବାର ମାତ୍ର ୧୦ ଦିନ ପରେ, ଆୟାର ମୁମ୍ବାଇ ଟି୨୦ ଲିଗରେ ଆଉ ଏକ ରନର୍ସ–ଅପ୍ ପ୍ରଦର୍ଶନର କେନ୍ଦ୍ରବିନ୍ଦୁରେ ଥିଲେ। ଆୟାରଙ୍କ ଦଳ, ସୋବୋ ମୁମ୍ବାଇ ଫାଲକନ୍ସ, ମୁମ୍ବାଇ ସାଉଥ ସେଣ୍ଟ୍ରାଲ ମରାଠା ରୟାଲସ ହାତରେ ପରାଜିତ ହୋଇଥିଲା, ଯେଉଁଥିରେ ନିଜେ ଆୟାର ଟାଇଟଲ–ନିର୍ଣ୍ଣାୟକ ମ୍ୟାଚରେ ଆଇପିଏଲ ଫାଇନାଲ ଭଳି ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରି ଫାଲକନ୍ସ ମାତ୍ର ୧୫୭ ରନ ସଂଗ୍ରହ କରିପାରିଥିଲା, ଯେଉଁଥିରେ ମୟୁରେଶ ଟାଣ୍ଡେଲ (୫୦) ଏବଂ ହର୍ଷ ଅଘାଭ (୪୫) ଦଳ ପାଇଁ ସର୍ବାଧିକ ରନ ସଂଗ୍ରାହକାରୀ ବ୍ୟାଟସମ୍ୟାନ ଥିଲେ।



ଆୟାର ୧୭ ବଲରୁ ମାତ୍ର ୧୨ ରନ ସକୋର କରିପାରିଥିଲେ, ଯେତେବେଳେ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ (କେକେଆର) ପାଇଁ ଖେଳୁଥିବା ଅଙ୍ଗକ୍ରିଶ ରଘୁବଂଶୀ ମଧ୍ୟ ବିଫଳ ହୋଇଥିଲେ, ୧୨ ବଲରୁ ୭ ରନ ସଂଗ୍ରହ କରି।

ଲକ୍ଷ୍ୟ ପିଛା କରୁଥିବା ମରାଠା ରୟାଲସରେ ଚିନମୟ ରାଜେଶ ସୁତାର ଏବଂ ଆଥ୍ୱେସ ଖାନ ନୌଶାଦ ରନ ପିଛାରେ ନେତୃତ୍ୱ ନେଇଥିଲେ, ଯଥାକ୍ରମେ ୫୩ ଏବଂ ୩୮ ରନ ସଂଗ୍ରହ କରି। ମରାଠା ରୟାଲସ ୪ ବଲ ବାକି ଥାଇ ଲକ୍ଷ୍ୟ ହାସଲ କରିଥିଲା।

ମ୍ୟାଚ ପରେ, ହୃଦୟ ଭାଙ୍ଗି ଯାଇଥିବା ଆୟାର କହିଥିଲେ ଯେ ସେ ପରାଜୟ ପାଇଁ କାହାକୁ ଦାୟୀ କରିବାକୁ ଚାହୁଁନାହାନ୍ତି କାରଣ ଏହା 'ପଛରେ ଛୁରି ମାରିବା' ଭଳି।

କୌଣସି ନିର୍ଦ୍ଦିଷ୍ଟ ଘଟଣାକୁ ଚିହ୍ନିତ କରିବାକୁ ଚାହୁଁନାହିଁ। ମୋଟାମୋଟି ଭାବେ, ଖେଳାଳିମାନେ ସେମାନଙ୍କ ପ୍ରୟାସରେ ଉତ୍କୃଷ୍ଟ ଥିଲେ। ଆମେ ଫାଇନାଲ ପୂର୍ବରୁ ମାତ୍ର ଗୋଟିଏ ମ୍ୟାଚରେ ହାରିଥିଲୁ। ଏହା କେବଳ ଏକ ଏପରି ମ୍ୟାଚ ଥିଲା ଯେଉଁଥିରେ ଆପଣ କାହାକୁ ଦାୟୀ କରିପାରିବେ ନାହିଁ।

ଫାଇନାଲରେ ହାରିବା ପରେ ନିରାଶ ହେବା ଏକ ସାଧାରଣ ବିଷୟ। ଏହା ସେମାନଙ୍କୁ କଷ୍ଟ ଦେଇଥିବ। କିନ୍ତୁ ଯେତେବେଳେ ସେମାନେ ପରବର୍ତ୍ତୀ ବର୍ଷ ଫେରିବେ, ସେମାନଙ୍କ ପାଖରେ ଅଧିକ ପ୍ରେରଣା ଏବଂ ଆତ୍ମବିଶ୍ୱାସ ରହିବ। ସେମାନେ ନିଜ ପ୍ରୟାସ ପାଇଁ ଗର୍ବିତ ହେବା ଉଚିତ, ସେ ଯୋଗ କରିଛନ୍ତି।

ଭାରତୀୟ କ୍ରିକେଟ ଆଇକନ ରୋହିତ ଶର୍ମା ମଧ୍ୟ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଫାଇନାଲ ପାଇଁ ଉପସ୍ଥିତ ଥିଲେ ଏବଂ ଆୟାରଙ୍କ ଦଳ ପରାଜୟ ସହିବା ପରେ ତାଙ୍କୁ ରନର୍ସ–ଅପ୍ ପଦକ ପ୍ରଦାନ କରିଥିଲେ।

ଆୟାରଙ୍କ ନିଜର ଟୁର୍ଣ୍ଣାମେଣ୍ଟ ପ୍ରଦର୍ଶନ ମଧ୍ୟ ସର୍ବୋତ୍କୃଷ୍ଟ ନଥିଲା, ସେ ଖେଳିଥିବା ୫ଟି ମ୍ୟାଚରେ ୨୫ ରନ ଅତିକ୍ରମ କରିପାରି ନଥିଲେ।

# ବେଲପାହାଡରେ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଝାରସୁଗୁଡ଼ା : ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ହକି ଆସୋସିଏସନ ଝାରସୁଗୁଡ଼ା ତରଫରୁ ସ୍ଥାନିୟ ବେଲପାହାଡ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଥିବା ଖେଳ ପଡିଆରେ ଗତ ୭ ଦିନ ଧରି ଆରମ୍ଭ ହୋଇ ଥିବା ବାଳକ, ବାଳିକା ୫୫ଜଣ ହକି ଖେଳାଳି ମାନଙ୍କର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରର ଉଦଯାପନୀ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ହକି ଆସୋସିଏସନ ର ସଂପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ହକି ଆସୋସିଏସନ ଓଡିଶାର ଉପ–ସଭାପତି ଜୀବନ ମହାନ୍ତି , ବେଲପାହାଡ ଇଂଲିଶ ମିଡିୟମ ସ୍କୁଲ ର ପରିଚାଳନା କମିଟିର ସଂପାଦକ କାହ୍ନୁଚରଣ ପ୍ରଧାନ , ପରିଚାଳନା କମିଟିର ଉପ–ସଭାପତି ମନୋଜ କୁମାର ପଟେଲ ଜିଲ୍ଲା କ୍ରୀଡା ସଂଘର ଯୁଗ୍ମ ସଂପାଦକ କ୍ଲେମେନେଟ ରୋନାଲଟ , ଜ୍ୟୋତି ଲାଟ ,ଅଧକ୍ଷ ସଂଜୟ କୁମାର ମିଶ୍ର, ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିର ରେ ଥିବା ବାଳକ , ବାଳିକାଙ୍କୁ ଉଦ୍‌ବୋଧନ ଦେଇଥିଲେ । ହକି ଆସୋସିଏସନ ଝାରସୁଗୁଡା ପକ୍ଷରୁ ଶ୍ରେଷ୍ଠ ୧୨ ଜଣ ବାଳକ ,ବାଳିକାଙ୍କୁ ଭାରତୀୟ ଷ୍ଟେଟବ୍ୟାଙ୍କ ଝାରସୁଗୁଡା ପକ୍ଷରୁ ଦିଆଯାଇ ଥିବା ହକି ଷ୍ଟିକ ସେଠାରେ ପ୍ରଦାନ କରାଯାଇ ଥିଲା । ହମିଦ୍ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅତିରିକ୍ତ ଅଧକ୍ଷ ପ୍ରଫୁଲ କୁମାର ମହାପାତ୍ର, ବିଜୟ କୁମାର ଗୌଡ, କବିତା ପଟେଲ, ପିଙ୍କି ଭଟାଚାର୍ଯ୍ୟ ପ୍ରଭୃତି ଉପସ୍ଥିତ ଥିଲେ । ଅଭିଜ୍ଞତା ସଂପନ୍ନ ପ୍ରଶିକ୍ଷକ ଶକୁନ ନାୟକ ଓ ବେଲପାହାଡ ଇଂଲିଶ ମିଡିୟମ ସ୍କୁଲର ଖେଳ ଶିକ୍ଷୟିତ୍ରୀ ଶ୍ରୀମତୀ ଶାନ୍ତି ନାୟକ ଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିର ପରିଚାଳନା ହୋଇଥିଲା ।

# ଜଳେଶ୍ୱର ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ



**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଆହ୍ୱାନରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ ମାନସ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏ ଏହି ଦଶମ ସାଧାରଣ ଅଧିବେଶନରେ ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନୁସୟା ପ୍ରଧାନ,ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁ, ଜିପିଇଓ ସାଲିମା ରାଉତ ଯୋଗ ଦେଇ ପୂର୍ବ ବିବରଣୀ ପଠନ କରାଯାଇ ଦୃଢିକରଣ କରାଯାଇ ଥିଲା। ଯଥା ଡ୍ରେନେଜ ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ କୁମାର ସି, ପୂର୍ବ ବିଭାଗର ଏସ, ଡିଓ ଅବିନାଶ ବେହେରା, ପ୍ରାଣୀ ଚିକିତ୍ସା ବିଭାଗ, ଫରେଷ୍ଟ ବିଭାଗ ଅଗ୍ନିଶମ ବିଭାଗ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ ପୂର୍ବ ରହି ଦୃଢ଼ୀକରଣ ପରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ମୃତ୍ତିକା ସଂରକ୍ଷଣ, ଜଳସେଚନ, ଉଠାଜଳସେଚନ, ଡ୍ରେନେଜ, ସମ୍ବନ୍ଧୀୟ ଆଲୋଚନା ସହିତ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ସମ୍ବନ୍ଧୀୟ ଆଲୋଚନା ହୋଇଥିଲା ଉପସ୍ଥିତ ରଞ୍ଜନ ସାହୁ ପ୍ରଥମେ ପୂର୍ବ ବିବରଣୀ ପଠନ କରାଯାଇ ଥିଲା ଦୃଢ଼ି କରଣ କାର୍ଯ୍ୟ ବିଶେଷ କରି ବୃଦ୍ଧ ବୃଦ୍ଧା ମାନଙ୍କର ଭତ୍ତା ଉପରେ ସରପଞ୍ଚ ଓ ସମିତି ସଭ୍ୟ ମାନେ ପ୍ରସ୍ତାବ ଆଗତ କରିଥିଲେ ଓ ଗ୍ରାମ୍ୟ ଉଉୟନ, ଜଳସେଚନ, ଉଠା ଜଳସେଚନ, ନାଳ,ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ଖଣି ବିଭାଗ ସମ୍ବନ୍ଧୀୟ ଜାନୁଆରୀ ମାସ ୮ ତାରିଖ ଦିନ ହୋଇଥିବା ନବମ ଅଧିବେଶନର ଆଲୋଚନା ଉକ୍ତ ପ୍ରସ୍ତାବକୁ ଦୃଢିକରଣ କରାଯାଇଥିଲା। ଏହି ଅଧିବେଶନରେ ଶିକ୍ଷା ବିଭାଗର ଜଳେଶ୍ୱର ଏବିଇଓ ଜ୍ୟୋସ୍ନା ରାଣୀ ପ୍ରଧାନ, ସିଡିପିଓ ଗିରିବାଳା ମାହାନ୍ତି ତଥା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧୀୟ ମହାନ୍ତ, ସ୍ୱାସ୍ଥ୍ୟ ବିଭାଗର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଫକୀର ମୋହନ ପ୍ରଧାନ, ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ଟାଟା ପାୱାର ଏସଡିଓ ଭୁବନ ମୋହନ ସାହୁ, ଆଲୋଚନା ହୋଇଥିଲା। ବିଶେଷ କରି ଭତ୍ତା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବିଦ୍ୟୁତ, ଜଳସେଚନ ଓ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ଅଧିବେଶନ ଦିନ ଦଶଟାରେ ଆରମ୍ଭ ହୋଇ ଦିବା ଦୁଇଟାରେ ଶେଷ ହୋଇଥିଲା ପରିଶେଷରେ ସମସ୍ତଙ୍କ ପାଇଁ ଭୋଜନର ଆୟୋଜନ କରାଯାଇଥିଲା।

# କୃଷି ବିଜ୍ଞାନ କେନ୍ଦ୍ରରେ ବିକଶିତ କୃଷି ସଂକଳ୍ପ ଅଭିଯାନ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ସମ୍ବନ୍ଧୀୟ ସରକାରୀ ଯୋଜନା ଓ ନୂତନ ଜ୍ଞାନ କୌଶଳ ଉପରେ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ କୃଷି ସଂକଳ୍ପ ଅଭିଯାନ ର କାର୍ଯ୍ୟକ୍ରମ ସମାପନ ହୋଇଛି । ପ୍ରାକ ଖରିପ ଚାଷ ପୂର୍ବରୁ ଏହି ଅଭିଯାନ ମଇ ୨୯ ତାରିଖରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜନ ହୋଇଥିଲା । ଏଥିରେ ବୈଜ୍ଞାନିକ ମାନଙ୍କ ସହ ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ମାନେ ବିଭିନ୍ନ ସରକାରୀ ଯୋଜନା ଓ ନୂତନ ଜ୍ଞାନ କୌଶଳ ଉପରେ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା କୃଷି ଅଧିକାରୀ ବିନ୍ଦୁଶ୍ରୀ ବିଶିନୀବାଳା, ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ମଲିକ, ମୃତ୍ତିକା ସଂରକ୍ଷଣ ବିଭାଗର ମନୋରମା ଖଟୁଆ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଦାସ ମହିଳା ଚାଷୀ ମାନଙ୍କୁ ପ୍ରାକୃତିକ କୃଷି, କ୍ଷେତ ପୋଖରୀ ଯୋଜନା ମାଧ୍ୟମରେ ସମନ୍ୱିତ କୃଷି, ଛତୁ ଘର ଦ୍ୱାରା ମହିଳା ମାନଙ୍କୁ ଛତୁ ଉତ୍ପାଦନ ଆଦି ଇତ୍ୟାଦି ଦିଗ ଉପରେ ଆଲୋଚନା କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ୨୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ଅଂଚଳରୁ ଚାଷୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ରେ ପ୍ରଭାତ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ମାତୃ ପ୍ରସାଦ ମହାନ୍ତି, କିଶୋର ଚନ୍ଦ୍ର ଦାସ, କପାଳେଶ୍ୱର ପଞ୍ଚାୟତର ରବିନ୍ଦ୍ର ବାରିକ, ବଳରାମ ବେହେରା, ପର୍ଶୁରାମ ପାତ୍ର, ସଞ୍ଜୁଲତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ ।



# 'ରଜପର୍ବ ଓଡ଼ିଆଙ୍କର ପରମ୍ପରାକୁ ସୁଦୃଢ଼ କରିଆସିଛି'

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଅମ୍ବିକା ସାହି ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୩ ଦିନିଆ ୧୩ତମ ରଜ ମଉଜ ଉତ୍ସବ ଉଦଘାଟିତ ହୋଇଯାଇଛି। ଗୁରୁକୁଳ ଡ୍ୟାନ୍ସ ଏଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ଉଦଘାଟନ କରିବା ସହିତ ରଜପର୍ବ ଓଡ଼ିଆଙ୍କର ପରମ୍ପରାକୁ ସୁଦୃଢ କରିଆସିଛି ବୋଲି କହିଥିଲେ। ପୂର୍ବତନ ଉପ ନଗରପାଳ ତଥା ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏମସିସି ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି,



ବାଙ୍ଗିରିପୋଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ପ୍ରଶାସନିକ ଅଧିକାରିଣୀ କୁକୁମିନା ଦାସ, ଯୁବ ବିଜେଡିର ପୂର୍ବତନ ରାଜ୍ୟ ଉପ ସଭାପତି ଲଲାଟେନ୍ଦୁ ବେହେରା, ସଂସ୍କାର ସାଧାରଣ ସମ୍ପାଦକ ପ୍ରେମଜିତ ଦାସ, ଛାତ୍ର ନେତା ସୁନୀଲ କୁମାର ନାୟକ, କେଡିପିର ପ୍ରୋପାଇଟର ଗୌରବ ମୋଦି ତଥା କାଉନସିଲର ଗୀତା ବେହେରା, ଶ୍ରାବଣୀ ଦାସ, ଅନନ୍ତ ଦାସ, ସୁକେଶିନୀ ସେଠି, ରାଜ ଗୁପ୍ତା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ଜୀତା ସିଂ ଏବଂ କିଶୋର ପାତ୍ର, ମିନା ପରିଡା, ଲୁଷି ସାହୁ, ସ୍ୱଦେଶା ମହାନ୍ତ, ସତ୍ୟ ସ୍ୱରୂପ ଦାସ, ଦେବବ୍ରତ ସେନାପତି, ଅଭିଜିତ କଲିଆ, ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ମୟୁର ମଲ୍ଲିକ, ସୁଦର୍ଶନ ସାହୁ, ସୁରଜ, ଆୟୁଷ ପ୍ରମୁଖ ଉପସ୍ଥିତ ଥିଲେ। ୩ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଷିତ ହେବ ବୋଲି ମୁଖ୍ୟ ଆୟୋଜକ ଲିଟନ ପଟ୍ଟନାୟକ ଜଣାଇଛନ୍ତି।

# 'କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ଜନତାଙ୍କୁ ଜଣାଇବା ବିକାଶ ମେଳାର ଲକ୍ଷ୍ୟ'

**ରାୟଗଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରରେ ସରକାରଙ୍କ ୧୧ବର୍ଷ ପୂର୍ତ୍ତି ଓ ଓଡିଶା ସରକାରର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାରେ ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲାରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ପାରୁଲ ପଟାୱରୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ । ଏହି ବିକାଶ ବାହନ ଗୁରୁବାର ଠାରୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ବିଷୟରେ ଲୋକଙ୍କୁ ସଚେତନତା କରିବା ସହିତ ଜନସାଧାରଣ ସମସ୍ତ ସରକାରୀ ଯୋଜନାର କିଭଳି ଲାଭ ପାଇପାରିବେ ସେନେଇ ସଚେତନତା କରିବ । ନାରୀ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାରେ ୧କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ଆର୍ଥିକ ସହଯୋଗ, ୧୭ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା, ଯୁବବର୍ଗ, ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ, ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ,



ସରକାରୀ ଚାକିରି ସୀମା ୪୨ ବର୍ଷକୁ ବୃଦ୍ଧି, ରାଜ୍ୟରେ ସରକାର ଗଠନ ପରେ ପ୍ରଥମ ୧୦ ମାସରେ ୪୦,୨୬୬ ମୂଳ ପଦବୀ ପୂରଣ, ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପାଇଁ ପ୍ରତିଶୃତି ଆଦି ଉପରେ ଏହି ବିକାଶ ରଥ ସଚେତନତା କରିବ । ସେହିଭଳି କୃଷକଙ୍କ ପାଇଁ ରାଜ୍ୟ ସରକାର ଆସିବା ପରେ ଧାନ ମୂଲ୍ୟ ବୃଦ୍ଧି ସହିତ ଇନପୁଟ୍ ସହାୟତା, ଶୀତଳ ଭଣ୍ଡାର, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୧୯,୩୬୧.୬୯ କୋଟି ଟଙ୍କାର ଋଣ ପ୍ରଦାନ ଓ କାମଧେନୁ ଯୋଜନାରେ ରାଜ୍ୟରେ ୧୫ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ ହେବା ଆଦି ଉପରେ ଲୋକଙ୍କୁ ସଚେତନତା କରାଯିବ । ସେହିଭଳି ଶ୍ରମିକଙ୍କ ପାଇଁ କାମ ସବୁ ହାତକୁ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ବିକାଶକୁ ଲୋକଙ୍କ ନିକଟକୁ ପହଂଚାଇବ ଏହି ବିକାଶ ବାହନ । ଏହାପରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ମାଣ୍ଡିଆ ପିଠା ସମେତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାରୁଲ ପଟାୱରୀ ଉଦଘାଟନ କରିଥିଲେ । ଏହି ୧୦ ଦିନିଆ ବିକାଶ ମେଳା ଅବସରରେ ସ୍ଥାନୀୟ ଜିସିଡ଼ି ପଡ଼ିଆ ଠାରେ ୧୦ଦିନିଆ ବିକାଶ ମେଳା କାର୍ଯ୍ୟକ୍ରମକୁ ସନ୍ଧ୍ୟା ୫ଟାରେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ଉଦଘାଟନ କରିଛନ୍ତି । ଏହା ଆସନ୍ତା ୧୦ ଦିନଯାଏଁ ଚାଲିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ତଥା ଯୁଗାନ୍ତକାରୀ ଯୋଜନା ବିଷୟରେ ଜିଲ୍ଲାପାଳ ପାରୁଲ ସୂଚନା ଦେଇଥିଲେ । ଚାଷ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ର ସମେତ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଜିଲ୍ଲାର ଜନସାଧାରଣ ଉପକୃତ ହୋଇଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିକାଶମୂଳକ କାର୍ଯ୍ୟ ଜାରି ରହିବ ବୋଲି ଜିଲ୍ଲାପାଳ ପାରୁଲ କହିଥିଲେ । ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ଅନ୍ୟ କଳାକାରମାନଙ୍କ କଳା ଲୋକଙ୍କୁ ଆକୃଷ୍ଟ କରିଥିଲା । ଆଜିର ଏହି ମେଳକ୍ଷରେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ଏସ ସ୍ୱାତୀ କୁମାର, ଖଣ୍ଡିୟ ବନ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ, ସାମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ ଚନ୍ଦ୍ରକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।





# ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ : ପହଣ୍ଡି ପାଇଁ କମିଟି ଗଠନ

**ପୁରୀ, ନ୍ୟୁଜ ବ୍ୟୁରୋ**

ଚଳିତ ରଥଯାତ୍ରାରେ ଗୋଟିଏ ଦିନରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଥିବାରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପ୍ରସାଦ ସେବନ ଉପରେ ଗୁରୁତ୍ୱ । ଗତବର୍ଷର ପହଣ୍ଡି ଅଘଟଣ ଏଡାଇବାକୁ ସ୍ୱତ୍ୱଲିପି ଅନୁଯାୟୀ ସେବା ସଂପୃକ୍ତ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍ । ୩ ଜଣିଆ କମିଟିର ପରାମର୍ଶ ଅନୁଯାୟୀ ହେବ ପହଣ୍ଡି କାର୍ଯ୍ୟ । ସେପଟେ ରଥ ସମୟରେ ହେବ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ । ନୂଆ ରୂପ ପାଉଛି ଶ୍ରୀଗୁଣ୍ଡିଚା ମନ୍ଦିର । ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ଓ ପାର୍ଶ୍ୱ ଦେବାଦେବୀ ମନ୍ଦିରରେ ହେବ ଆଲୋକିକରଣ। ଦିବ୍ୟାଙ୍ଗ ଦର୍ଶନ ପାଇଁ ଶେଷ ହୋଇଛି ରାମ୍ପ ନିର୍ମାଣ। ଖୁବ୍ ଶୀଘ୍ର ନାଟ ମଣ୍ଡପରେ ହେବ ଶୀତତାପ ନିୟନ୍ତ୍ରିତ



ହେବ ବୋଲି ସୂଚନା ଦିଆଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସହ ଦଇତାପତି ନିଯୋଗର ବୈଠକ ଶେଷ ହୋଇଛି ।ପହଣ୍ଡି ଶୃଙ୍ଖଳା ପାଇଁ ୪ ଟି ଟିମ୍ ଗଠନ କରିଛି ନିଯୋଗ। ୩ ଜଣିଆ ତଦନ୍ତ କମିଟିର ପରାମର୍ଶ ଅନୁଯାୟୀ ଚଳିତବର୍ଷ ହୋଇଛି ପହଣ୍ଡି ବ୍ୟବସ୍ଥା ନିର୍ଦ୍ଧାରଣ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ବୈଠକରେ ନୀତି ଶୃଙ୍ଖଳା ଓ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତି ହୋଇଛନ୍ତି ପ୍ରତିଶ୍ରୁତିବଦ୍ଧ। ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ। ୪ ଟି ପହଣ୍ଡି ଦଳ ପ୍ରସ୍ତୁତ କରିସାରିଛି ଦଇତାପତି ନିଯୋଗ । ଅନ୍ୟ ନିଯୋଗର ସୂଚୀ ଆସିବା ପରେ ହେବ ଫାଇନାଲ ଲିଷ୍ଟ । ଉତ୍ତମ ସମନ୍ୱୟ,ଶୃଙ୍ଖଳିତ ନୀତି ,ବ୍ୟବସ୍ଥାବଳି ଅନୁପାଳନ୍ ଉପରେ ଫୋକସ୍ ।ସେବକଙ୍କ ସହାୟକ କେବଳ ଆବଶ୍ୟକ ସମୟରେ ରଥ ଉପରକୁ ଯାଇପାରିବେ ।ଅନ୍ୟ ସମୟରେ ଗଲେ ନିଆଯିବ କାର୍ଯ୍ୟାନୁଷ୍ଠାନ ।ରଥ ଉପରକୁ ଛଦ୍ମବେଶୀ ଚଢିଲେ ହେବ ଫୌଜଦାରି ମୋକଦ୍ଦମା ।ସ୍ନାନ ପୂର୍ଣ୍ଣିମାରେ ଭକ୍ତମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁବା ଘଟଣାରେ ଚାଲିଛି ତଦନ୍ତ । ଭିଡିଓ ଫୁଟେଜ ର ଯାଞ୍ଚ ପରେ ଦୋଷ ଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । ସେପଟେ ସୁନାବେଶରେ ଶ୍ରୀ ପୟର, ଶ୍ରୀ ଭୁଜକୁ ଭକ୍ତଙ୍କ ଦର୍ଶନ ପାଇଁ ଅବରୋଧ ନକରିବାକୁ ସେବକଙ୍କୁ ଦିଆଯାଇଛି ପରାମର୍ଶ ।

# ରଙ୍ଗ ଓ କନାମଣ୍ଡଣି କାମ ଆରମ୍ଭ : ତିନି ରଥରେ ଉଠିଲା ଦ୍ୱିତୀୟ ଭୂଇଁ

**ପୁରୀ, ନ୍ୟୁଜ ବ୍ୟୁରୋ**

ଦ୍ରୁତ ଗତିରେ ଚାଲିଛି ରଥ ନିର୍ମାଣ । ରଥ କାର୍ଯ୍ୟରେ ଯୋଗ ଦେଇଛନ୍ତି ଦରଜୀ ସେବକ । ରଥକୁ ସୁସଜ୍ଜିତ କରିବା ପାଇଁ କନାମଣ୍ଡଣି କାମର ଶୁଭାରମ୍ଭ ହୋଇଛି । ୧୨୫୦ ମିଟର ନାଲି, ସବୁଜ, ହଳଦିଆ ଓ କଳା କନାରେ ରଥତ୍ରୟ ମଣ୍ଡଣି ହେବ। ରଥ ରଙ୍ଗ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ତିନି ରଥରେ ଦ୍ୱିତୀୟ ଭୂଇଁ ଉଠି ଖଳାରେ ୩ୟ ଭୂଇଁ ଫ୍ରେମ୍ ପଡ଼ି ଖୋଲାଯାଇଛି । ଶନିବାର ରଥରେ ତୃତୀୟ ଭୂଇଁ ଟୁଙ୍ଗୁରା ହୋଇଛି । ରଥର ବଡ଼ ପୋଟଳ ତିଆରି ଆରମ୍ଭ ହୋଇଛି । ୧୩ ପରସ୍ତ ପୋଟଳ ରଥରେ ଲାଗିବ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପାରମ୍ପରିକ ଦରଜୀ ସେବକଙ୍କ ଦ୍ୱାରା କନା ମଣ୍ଡଣି କାର୍ଯ୍ୟ ହେଉଛି । ଠାକୁରଙ୍କ ମାହାର୍ଦ୍ଦ ସହ ରଥ କନା, କଇଁଚୀ, ସୂତା, ଗଜ ଆଦି ସମସ୍ତ ସିଲେଇ ଉପକରଣ ଏକତ୍ର ରଖି ଦୀପ ଧୂପ ଦେଇ ଶ୍ରୀଜଗନ୍ନାଥଙ୍କୁ ସୁମରଣା କରି କାର୍ଯ୍ୟ ଅନୁକୂଳ ହେଲା। ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ କାର୍ଯ୍ୟ ଚାଲିଛି । ଶ୍ରୀ ମହାପାତ୍ର କୁହନ୍ତି ରଥର ବତା ଓ ବିଳାଶପଟି ତିଆରିରୁ କନାମଣ୍ଡଣୀ କାମର ଶୁଭାରମ୍ଭ ହୋଇଛି। ପ୍ରଥମ କାମ ଭାବେ ରଥର ବତା (୨୪) ଓ ବିଳାଶପଟି(୭୨)ଟି କରାଯାଉଛି । ପ୍ରତି ରଥରେ ୮ଗୋଟି ବତା ଲାଗିବ । ରଥର ଉପର ଅଂଶ ପାରାଭାଡ଼ିଠାରୁ ତଳକୁ ଲମ୍ବିବ ବତା। ଗୋଟିଏ ବତାରେ ତିନୋଟି କରି ବିଳାସପଟି ଲାଗିବ । ପାରମ୍ପରିକ ଶୈଳୀରେ ଜରି, ଜମ୍ମୁରା ଓ ଲେସ ଦେଇ ଏସବୁକୁ ପ୍ରସ୍ତୁତ କରାଯିବ । ତାଳଧ୍ୱଜ ପାଇଁ ସବୁଜ ଓ ନାଲି ରଙ୍ଗର ୪୨୫ମିଟର, ନନ୍ଦିଘୋଷ ପାଇଁ ହଳଦିଆ ଓ ନାଲି ରଙ୍ଗର କନା ୪୨୫ ମିଟର ଓ ଦର୍ପଦଳନ ପାଇଁ କଳା ଓ ନାଲି ରଙ୍ଗର ୪୦୦ମିଟର କନା ଆବଶ୍ୟକ ହୋଇଥାଏ । ମୁଖ୍ୟ ବିଶ୍ୱକର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥତ୍ରୟର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ।

## ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପାଇଁ ମହମବତୀ ଯାତ୍ରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ରାମମନ୍ଦିର ଠାରେ ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯିବା ସହ ସେଠାରେ ଯୁବ କଂଗ୍ରେସ କର୍ମୀମାନେ ମହମବତୀ ପ୍ରଜ୍ୱଳନ କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧକ୍ଷତାରେ ଯୁବ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟ ଠାରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାର୍ଥନା କରିଥିଲେ।



ଓଡ଼ିଶା ଉଚ୍ଚନ୍ୟାୟାଳୟର ପ୍ରାକ୍ତନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଓ ଝାଡଖଣ୍ଡ ଉଚ୍ଚନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ତଥା ସଂପ୍ରତି ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ନ୍ୟାୟମୂର୍ତ୍ତି ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କ କରକମଳରୁ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସ୍ମୃତି ସମ୍ମାନ-୨୦୨୫ ଗ୍ରହଣ କରୁଛନ୍ତି ବିଶିଷ୍ଟ ଲେଖକ ତଥା ବିଦ୍ୱାନ ବକ୍ତା କୃଷ୍ଣ କେଶବ ଷଡଙ୍ଗୀ। (ଫଟୋ : ସମ୍ବାଦ କଳିକା)

## ଡକାୟତି ଯୋଜନା ପଣ୍ଡ , ୬ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ଥାନା କଲ୍ୟାଣପୁର ଅଂଚଳରେ ଡକାୟତି ଯୋଜନା ପଣ୍ଡ ହୋଇଛି। ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ୬ ଜଣ ଡକାୟତଙ୍କୁ ଗିରଫ କରିଛି ନନ୍ଦନକାନନ ଥାନା ପୋଲିସ। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ, ୬ଟି ଗୁଳି, ଲୁହା ରଡ଼, ଖଣ୍ଡା ସହ ସ୍କୋର୍ପିଓ ଗାଡି ଓ ଦୁଇଟି ବାଇକ ଜବତ ହୋଇଛି। ଗିରଫ ଡକାୟତ ମାନେ ହେଲେ ସୁଶୀଲ କୁମାର ସାହୁ, ସନ୍ତୋଷ ବେହେରା, ଜିତେନ୍ଦ୍ର ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରତାପ ସ୍ୱାଇଁ ଏବଂ ଗଣେଶ ଜେନା। ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିସନରେଟ ପୋଲିସର ବିଭିନ୍ନ ଥାନାରେ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି। ବନ୍ଧୁକ କେଉଁଠୁ ଆଣିଲେ ସେନେଇ ଖୋଳତାଡ ଚାଲିଛି ବୋଲି କହିଛନ୍ତି ଜୋନ -୬ ଏସିପି ସୋନାଲି ପରମର।



ଭୁବନେଶ୍ୱର : ଉତ୍କଳ ମଣ୍ଡପରେ ମଶାଲ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ପାଳନ ଅବସରରେ ଦୋଳି ଖେଳର ମଜା ନେଉଛନ୍ତି କୁମାରୀମାନେ। (ଫଟୋ : ସମ୍ବାଦ କଳିକା)

# ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଉତ୍କଳ ଆଲୁମିନାର ପ୍ରୟାସ

**ରାୟଗଡା, ନ୍ୟୁଜ ବ୍ୟୁରୋ**

ରାୟଗଡା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ ସହଯୋଗୀ କମ୍ପାନୀ ପକ୍ଷରୁ ଦୁଇଗୋଟି ସ୍ୱଜଳ ପ୍ରକଳ୍ପ ଓ ପାଞ୍ଚଗୋଟି ସୌରଚାଳିତ ନଳକୂପ ଉଦ୍ଘାଟିତ ହୋଇଯାଇଛି । ଉତ୍କଳ ଆଲୁମିନା ଖଣି ମୁଖ୍ୟ ବିଜୟ ଚୌହାନ ସମେତ କାରଖାନା ସିଏସଆର ବିଭାଗ କର୍ମକର୍ତ୍ତା କାଶୀପୁର ବ୍ଲକ କୋଡ଼ିପାରି ପଂଚାୟତ କାଳିଆ ଚାଁଚେରା ଓ ରୟାଲଘାଟି ଗାଁରେ ଉପସ୍ଥିତ ରହି ଜଳ ଯୋଗାଣ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଦୀର୍ଘ ଦଶନ୍ଧିରୁ ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ନପାଇ ସ୍ଥାନୀୟ ଝରଣା ଓ ନାଳ ପାଣି ଉପରେ ନିର୍ଭରଶୀଳ ଥିଲେ । ପାନୀୟ ଜଳ ନମିଳିବାରୁ ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ସମୟରେ ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଜଳ ବାହକ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇ ମର୍ତ୍ତ୍ୟୁ ସହ ସଂଗ୍ରାମ କରିଥାନ୍ତି । ସମ୍ପ୍ରତି ସମସ୍ୟା ଦୀର୍ଘଦିନରୁ ଚାଲିଥିବା ବେଳେ ଉତ୍କଳ ଆଲୁମିନା ତରଫରୁ ଗ୍ରାମବାସୀଙ୍କ ଏହି ସମସ୍ୟା ସମାଧାନ ନିମନ୍ତେ ଆଗକୁ ଆସି ସୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପ୍ରୟାସ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉକ୍ତ ଦୁଇଟି ଗ୍ରାମରେ ଲୋକଙ୍କୁ ହାତପାହାନ୍ତାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ଦୁଇଗୋଟି ସ୍ୱଜଳ ଧାରା କାର୍ଯ୍ୟକ୍ଷମ କରାଯଇଛି । ସେହିପରି ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାଞ୍ଚ ଗୋଟି ସୌରଚାଳିତ ନଳକୂଅ କାର୍ଯ୍ୟକ୍ଷମ କରାଯାଇଛି । ଉତ୍କଳ ଆଲୁମିନା ତରଫରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି । କମ୍ପାନୀର ଏଭଳି ଲୋକାଭିମୁଖୀ କାର୍ଯ୍ୟ ଯୋଗୁଁ ଗାଁ ଲୋକେ ପ୍ରଶଂସା କରୁଥିବାବେଳେ ସ୍ଥାନୀୟ ବାସିନ୍ଦା ମାଳିଆ ମାଝୀ କହିଛନ୍ତି, ଗାଁରେ ଲୋକେ ଶୁଦ୍ଧ ପାନୀୟ ଜଳ ପିଇବା ପାଇଁ ନାହିଁନଥିବା କଷ୍ଟ ସ୍ୱୀକାର କରୁଥିଲେ। ବର୍ଷ ଦିନେ ପ୍ରାକୃତିକ ଜଳ ଉତ୍ସ ଦୂଷିତ ହୋଇଥିବାରୁ ବିଶୁଦ୍ଧ ପାନୀୟ ଜଳ ପାଇଁ ଗାଁ ଲୋକେ ସମସ୍ୟାରେ ଜର୍ଜରିତ ହୋଇଥିଲେ । ଉତ୍କଳ ଆଲୁମିନା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିଥିବାରୁ ଗାଁ ଲୋକେ ପ୍ରଥମ ଥର ସୁଦ୍ଧ ପାନୀୟ ଜଳ ବ୍ୟବହାର କରିବେ ବୋଲି ଶ୍ରୀ ମଝି ପ୍ରକାଶ କରିଛନ୍ତି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାରେ ସମସ୍ତ ...

ସହିତ ସହଯୋଗ କରିଛନ୍ତି । ଯେଉଁ ଅଞ୍ଚଳରେ ବର୍ତ୍ତମାନ ନିବନ୍ଧନ କେନ୍ଦ୍ର (ସବ୍‌ରେଜିଷ୍ଟ୍ରି ଅଫିସ୍)ନାହିଁ ସେଠାରେ ଲୋକମାନେ ଆଧାର ପାଇଁ ନିବନ୍ଧନ କରି ନୂଆ ଆବଶ୍ୟକତା ପାଳନ କରିପାରିବା ଦିଗରେ ବିଶେଷ ବ୍ୟବସ୍ଥା କରାଯିବ ।ତେବେ ସମସ୍ତ ଆବେଦନକାରୀଙ୍କ ନିକଟରେ ତୁରନ୍ତ ଆଧାର ନମ୍ବର ନଥାଇପାରେ ବୋଲି ବିଚାର କରି, ବିଜ୍ଞପ୍ତିରେ ଅସ୍ଥାୟୀ ରିହାତି ମଧ୍ୟ ପ୍ରଦାନ କରାଯାଇଛି । ଯେପର୍ଯ୍ୟନ୍ତ ସେମାନଙ୍କ ଆଧାର ନମ୍ବର ଆଧିକାରିକ ଭାବେ ପ୍ରଦାନ ନହୁଏ, ଆବେଦନକାରୀମାନେ ପାନ କାର୍ଡ, ପାସପୋର୍ଟ କିମ୍ବା ଭୋଟର ଆଇଡି କାର୍ଡ ଭଳି ବିକଳ୍ପ ପରିଚୟ ଦସ୍ତାବିଜ ସହିତ ଆଧାର ନିବନ୍ଧନ ସ୍ଲିପ ବ୍ୟବହାର କରି ନିଜର ଆବେଦନ ପୂରଣ କରିପାରିବେ। ସରକାରଙ୍କ ଏହି ଉଦ୍ୟମ ଜନସେବାକୁ ଡିଜିଟାଇଜ କରିବା, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ଆଧାରଏକ ଅନନ୍ୟ ଏବଂ ବାୟୋମେଟ୍ରିକ-ଆଧାରିତ ପରିଚୟ ବ୍ୟବସ୍ଥା ସହିତ ପରିଚୟ ପ୍ରକ୍ରିୟାକୁ ସଂଯୋଗ କରି ସମାବେଶୀ ଶାସନକୁ ପ୍ରୋତ୍ସାହିତ କରିବାର ଏକ ବ୍ୟାପକ ରଣନୀତିର ଅଂଶ ବୋଲି କୁହାଯାଇଛି।

## ଅହମ୍ମଦାବାଦ ବିମାନ ...

କ'ଣ ଘଟିଥିଲା ସେ ବିଷୟରେ ସୂଚନା ପ୍ରଦାନ କରିବ। ଶ୍ରୀ ନାଇଡୁ ଆହୁରି ମଧ୍ୟ କହିଛନ୍ତି ଯେ ପୀଡ଼ିତମାନଙ୍କୁ ଚିହ୍ନଟ କରିବା ଏବଂ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ଡିଏନଏ ପରୀକ୍ଷା କରାଯାଉଛି। ଏହି କମିଟିରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ, ବ୍ୟୁରୋ ଅଫ୍ ସିଭିଲ ଏଭିଏସନ ସିକ୍ୟୁରିଟିର ମହାନିର୍ଦ୍ଦେଶକ, ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସହିତ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ଏହି କମିଟି ଦୁର୍ଘଟଣା ସଂପର୍କରେ ତଦନ୍ତ ରିପୋର୍ଟ ତିନି ମାସ ମଧ୍ୟରେ ଦାଖଲ କରିବ। ସେ କହିଛନ୍ତି ଯେ, 'ଆମ ଦେଶରେ ସୁରକ୍ଷା ପାଇଁ ବହୁତ କଠିନ ମାନଦଣ୍ଡ ଅଛି। ଯେତେବେଳେ ଏହି ଘଟଣା ଘଟିଲା, ଆମେ ଅନୁଭବ କଲୁ ଯେ ବୋଇଂ ୭୮୭ ସିରିଜରେ ବିମାନଗୁଡିକୁ ମଧ୍ୟ ଗଭୀର ନିରୀକ୍ଷଣର ଆବଶ୍ୟକତା ଅଛି। ଡିଜିସିଏ ୭୮୭ ବିମାନଗୁଡିକର ଗଭୀର ନିରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଛି।

## ଶହୀଦଙ୍କ ପାଇଁ ...

ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ଶହୀଦ ଯବାନଙ୍କ ଅମର ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଉଛି।

## ନିଟ୍-ୟୁଜି ମେଡିକାଲ ...

ପ୍ରାର୍ଥୀ ନିଟ୍ ୟୁଜି ମେଡିକାଲ୍ ପ୍ରବେଶ ପରୀକ୍ଷା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିରେ ୫,୧୪,୦୬୩ ପୁରୁଷ, ୭,୨୨,୪୬୨ ମହିଳା ଓ ୬ ଜଣ ଥାର୍ଡ ଜେଣ୍ଡରଙ୍କ ସହିତ ମୋଟ ୧୨,୩୬,୫୩୧ ପ୍ରାର୍ଥୀ ଅନ୍ତର୍ଭୁକ୍ତ।

## ଡାଇରିଆ ସ୍ଥିତି ...

ତରଫରୁ ତିନୋଟି ଟିମ୍ ପଠାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଏକ ୭ ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶାକୁ ପଠାଯାଇଛି । ଠିକ୍ ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷ (ଏଫ୍. ଏସ୍.ଏସ୍ . ଏ.ଆଇ)ଙ୍କ ତରଫରୁ ଏକ ୪ ଜଣିଆ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଟିମ୍ ପଠାଯାଇଛି । ଏହି ତିନୋଟି ଟିମ୍ ରେ ସମୁଦାୟ ୧୪ ଜଣ ଅଛନ୍ତି । ସ୍ୱାସ୍ଥ୍ୟ ଟିମ୍‌ରେ ଆଂଚଳିକ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଡାକ୍ତର ନିଲମ୍ ସୋମାଲକର, ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡାକ୍ତର ଶିବାନୀ ଲାହିରି, ଭୁବନେଶ୍ୱର ଏମ୍ସର ମାଇକ୍ରୋଲୋଜିଷ୍ଟ ପ୍ରଫେସର ଡାକ୍ତର ସୃଜନ ମହାନ୍ତି, ଶିଶୁରୋଗ ପ୍ରଫେସର ଡାକ୍ତର ଭାଗିରଥୀ ଦ୍ୱିବେଦୀ, କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ଡାକ୍ତର ସତ୍ୟଜିତ ସୁବୁଦ୍ଧି, କୋଲକାତା ସ୍ଥିତ ଭାରତୀୟ ଭେଷଜ ଗବେଷଣା କେନ୍ଦ୍ରର ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପ୍ରେମଜିତ୍ ଘୋଷ ଏବଂ ଡାକ୍ତର ଗୌତମ ଚୌଧୁରୀ ପ୍ରମୁଖ ଅଛନ୍ତି। ଖାଦ୍ୟ ନିରାପତ୍ତା ଟିମ୍‌ରେ କୋଲକାତା ସ୍ଥିତ ଜାତୀୟ ଖାଦ୍ୟ ଗବେଷଣାଗାରର ଡାକ୍ତର ଗୀତାଞ୍ଜଳି ଶର୍ମା, ବୈଷୟିକ ଅଧିକାରୀ ମିସ ନୟନା, ଏଫ୍ ଏସ୍ ଏସ. ଏ.ଆଇର ପୂର୍ବାଞ୍ଚଳ ଉପ-ନିର୍ଦ୍ଦେଶକ ଡାକ୍ତର ଶଶିକାନ୍ତ ଭୂୟାଁ ପ୍ରମୁଖ ସଦସ୍ୟ ଅଛନ୍ତି। ଏଫ୍ଏସଏସଏଆଇର ସ୍ୱତନ୍ତ୍ର ଟିମରେ ନିର୍ଦ୍ଦେଶକ ସ୍ୱିଟି ବେହେରା, ସହ-ନିର୍ଦ୍ଦେଶକ ସୋନିକା ବର୍ମା, ସହ-ନିର୍ଦ୍ଦେଶକ ପ୍ରସନ୍ନ ସିଂହ ଏବଂ ଉତ୍ତରାଞ୍ଚଳ କେନ୍ଦ୍ରୀୟ ଖାଦ୍ୟ ନିରାପତ୍ତା ଅଧିକାରୀ ନନ୍ଦିତା ଦାସ ପ୍ରମୁଖ ସଦସ୍ୟ ଅଛନ୍ତି । ଏହି କମିଟିମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନ ସ୍ୱାସ୍ଥ୍ୟ ସ୍ଥିତି ପରଖିବା ସହ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ ବୋଲି ଜଣା ପଡ଼ିଛି। ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଛନ୍ତି ଯେ, ଯାଜପୁର ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୫୧୬ ଜଣ ଡାଇରିଆ ଆକ୍ରାନ୍ତ ଆଡ଼ମିଶନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୦୬ ଜଣ ଆରୋଗ୍ୟ ଲାଭ କରିଛନ୍ତି ଏବଂ ୨୧୦ ଜଣଙ୍କର ଚିକିତ୍ସା ଚାଲିଛି । ସେମାନେ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ଚିକିତ୍ସକମାନେ ଆଶା ପ୍ରକଟ କରିଛନ୍ତି।

## ସୁରକ୍ଷା ବାହିନୀଙ୍କ...

ସେମାନଙ୍କ ସନ୍ଧାନରେ ସର୍ଚ୍ଚ ଅପରେସନ ଜାରି ରହିଛି। ବାଲାଘାଟ ନକ୍ସଲ ଏନକାଉଣ୍ଟର ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ମଧ୍ୟପ୍ରଦେଶ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲବାଦକୁ ସମାପ୍ତ କରିବାର ସଂକଳ୍ପ ନେଇ ନିରନ୍ତର କାର୍ଯ୍ୟ କରୁଛି।

## ଗୋପାଳକୃଷ୍ଣ ପାତ୍ର ...

ସ୍ନାତକୋତ୍ତର ଓ ପିଏଚଡି ଡିଗ୍ରୀ ହାସଲ ପରେ ସେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ଡକ୍ଟର ପାତ୍ର ବିଭିନ୍ନ ପଦବୀରେ ୨୦୧୮-୨୦୨୧ ପର୍ଯ୍ୟନ୍ତ ସଫଳ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ଅଧୀନରେ ୫ ଜଣ ପିଏଚଡ଼ି ଗବେଷକ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଫେସର ପାତ୍ର ବର୍ତ୍ତମାନ ପିଢ଼ିର ସାଇବର ଭୌତିକ ସିଷ୍ଟମ ଏବଂ ଉଚ୍ଚ ପ୍ରଦର୍ଶନ କମ୍ପ୍ୟୁଟିଂର ବିଭିନ୍ନ ସୁରକ୍ଷା ଦିଗ ଉପରେ ଅଧିକ ଗବେଷଣା କରୁଛନ୍ତି । ସେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା, ବ୍ଲକଚେନ ଏବଂ କ୍ରିପ୍ଟୋଗ୍ରାଫିର ବ୍ୟବହାର କରି ସଂଯୁକ୍ତ ଯାନବାହାନ ଏବଂ ନାଗରିକ ସେବାର ଗୋପନୀୟତା ଏବଂ ସୁରକ୍ଷା ଉପରେ ଗବେଷଣାରେ ନିୟୋଜିତ ଅଛନ୍ତି । ଡକ୍ଟର ପାତ୍ର ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଅନେକ ଶିକ୍ଷା ପରାମର୍ଶଦାତା ବୋର୍ଡ ଏବଂ ଅଧ୍ୟୟନ ବୋର୍ଡର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସେ ପ୍ରସିଦ୍ଧ ପତ୍ରିକା ଏବଂ ରେଫରୀ ସମ୍ମିଳନୀ କାର୍ଯ୍ୟରେ ପ୍ରାୟ ୬୦ଟି ଗବେଷଣା ପତ୍ର ପ୍ରକାଶ କରିଛନ୍ତି। ଡକ୍ଟର ପାତ୍ରଙ୍କ ଏହି ସଫଳତା ପାଇଁ ଓଡ଼ିଶା ଓ ଦେଶର ବିଭିନ୍ନ ଭାଗରୁ ଅଭିନନ୍ଦନର ସୁଅ ଛୁଟିଛି।

## ଇସ୍ରାଏଲ-ଇରାନ...

ସେମାନେ ସେମାନଙ୍କର ଟଙ୍କା ପ୍ରତ୍ୟାହାର କରିନେଇଥିଲେ। ସେନସେକ୍ସ ଏବଂ ନିଫ୍ଟି ଉଭୟ ୦.୭% ହ୍ରାସ ପାଇଥିଲା। ଡଲାର ତୁଳନାରେ ଟଙ୍କା ମଧ୍ୟ ଦୁର୍ବଳ ହୋଇଗଲା। ଟଙ୍କାର ମୂଲ୍ୟ ୦.୬% ହ୍ରାସ ପାଇ ୮୬.୦୯ ରେ ପହଞ୍ଚିଲା। ଏହା ଘଟିଲା କାରଣ ଡଲାର ମଜଭୁତ ହେଉଥିଲା। ଲୋକମାନେ ସୁରକ୍ଷିତ ସ୍ଥାନରେ ସେମାନଙ୍କର ଟଙ୍କା ନିବେଶ କରିବାକୁ ପସନ୍ଦ କରୁଛନ୍ତି। ଇସ୍ରାଏଲ ଆକ୍ରମଣ ପରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପ୍ରତି ୧୨% ବୃଦ୍ଧି ପାଇ ୭୮.୫ ଡଲାରରେ ପହଞ୍ଚିଥିଲା। କିନ୍ତୁ ପରେ ମୂଲ୍ୟ ହ୍ରାସ ପାଇ ୭୫ ଡଲାର ତଳକୁ ଖସି ଆସିଥିଲା। ଏହା ଘଟିଥିଲା କାରଣ ଖବର ଆସିଥିଲା ଯେ, ଇସ୍ରାଏଲ ଇରାନର ତୈଳ ସ୍ଥାପନା ଉପରେ ଆକ୍ରମଣ କରିନାହିଁ। ଏହା କେବଳ ଇରାନର ପରମାଣୁ ସ୍ଥାପନା ଉପରେ ଆକ୍ରମଣ କରିଥିଲା। ଏପରି ଆଶଙ୍କା ରହିଛି ଯେ, ଇସ୍ରାଏଲୀ ଆକ୍ରମଣ ଯୋଗୁ, ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିପାରେ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାର୍ଗ । ଯାହା ଦେଇ ବିଶ୍ୱର ପ୍ରାୟ ୨୦% ତେଲ ଯାଏ। ଯଦି ଇରାନ ଏହା କରେ, ତେବେ ଜାହାଜ ଦ୍ୱାରା ସାମଗ୍ରୀ ପଠାଇବା ଏବଂ ବୀମା ପାଇବାର ଖର୍ଚ୍ଚ ବହୁତ ବଢ଼ିପାରେ। ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ଦେଖାଯାଇପାରେ। ଏହା ଯୋଗୁ ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇପାରେ। ଏହା ସହିତ ଅନ୍ୟ ଦେଶରୁ ଭାରତକୁ ଆସୁଥିବା ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

# ବେଦାନ୍ତ ଆଲୁମିନିୟମ ସହାୟତାରେ ଖୋଲିଲା ସାଟେଲାଇନ୍ ହସ୍ପିଟାଲ୍

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର ପୁରୁଣା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ (ଡିଏଚଏଚ)ର ବ୍ୟାପକ ନବୀକରଣକୁ ସମର୍ଥନ କରିଛି, ଯାହାକୁ ଚଳିତ ସପ୍ତାହରେ ଅନେକ ଜନପ୍ରତିନିଧି ଏବଂ ସମ୍ପ୍ରଦାୟ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ନୂତନ ସାଟେଲାଇଟ୍ ହସ୍ପିଟାଲ ଭାବରେ ପୁନଃ ଖୋଲାଯାଇଥିଲା। ଏହି ଅବସରରେ, ବେଦାନ୍ତ ରୋଗୀ ସେବା କ୍ଷମତା ବୃଦ୍ଧି କରିବାରେ ଏବଂ ସରକାରୀ ହସ୍ପିଟାଲକୁ ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ସମର୍ଥନ କରିବା ପାଇଁ ୨୫ଟି ହସ୍ପିଟାଲ ଶଯ୍ୟା ମଧ୍ୟ ଦାନ କରିଥିଲା। ଝାରସୁଗୁଡାର ମଙ୍ଗଳ ବଜାରରେ ଅବସ୍ଥିତ ସାଟେଲାଇଟ୍ ହସ୍ପିଟାଲର ଉଦଘାଟନ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁଲଭ ଏବଂ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ବିସ୍ତାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବେଦାନ୍ତ ହସ୍ପିଟାଲର ନିରନ୍ତର ଅଭିବୃଦ୍ଧି ଏବଂ କାର୍ଯ୍ୟକ୍ଷମ ପ୍ରଭାବକୁ ସୁନିଶ୍ଚିତ କରିବା ପାଇଁ ଏହାର ଦୀର୍ଘକାଳୀନ ସମର୍ଥନ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ଗ୍ରାମୀଣ ସ୍ୱାସ୍ଥ୍ୟ ଭିତିଭୂମି ଏବଂ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତା ଭାବରେ ଆସିଛି, ଏବଂ ଏହି ଅଂଚଳରେ ସ୍ଥିର, ଉଚ୍ଚ-ଗୁଣବତା ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। ବେଦାନ୍ତ ଆଲୁମିନିୟମର ନିରନ୍ତର ସମର୍ଥନ ଭିତିଭୂମି ଆବଶ୍ୟକତା ପୂରଣ କରିବାଠାରୁ ଅଧିକ - ଏହା ଅନୁନ୍ନତ ଅଂଚଳରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଏକ ରଣନୈତିକ ଏବଂ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ତାଙ୍କ ମତାମତ ଦେଇ କହିଛନ୍ତି, "ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସାମୁଦାୟିକ ବିକାଶର ଏକ ମୂଳଦୁଆ। ଝାରସୁଗୁଡାର ସାଟେଲାଇଟ୍ ହସ୍ପିଟାଲ୍ ପ୍ରତି ଆମର ଦୀର୍ଘକାଳୀନ ପ୍ରତିବଦ୍ଧତା ହେଉଛି ଅଂଚଳର ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ଅତ୍ୟାବଶ୍ୟକ ଚିକିତ୍ସା ସେବା ଉପଲବ୍ଧ ହେବା ନିଶ୍ଚିତ କରିବା ପାଇଁ ଆମର ବୃହତ ପ୍ରୟାସର ଏକ ଅଂଶ ଅଟେ। ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ଏପରି ସହଯୋଗ ପ୍ରୟାସ ମାଧ୍ୟମରେ, ଆମେ ସାର୍ବଜନୀନ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବା ଏବଂ ଏହି ଅଂଚଳରେ ଏକ ସକାରାତ୍ମକ, ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।" ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି, "ଝାରସୁଗୁଡାରେ ସାଟେଲାଇଟ୍ ହସ୍ପିଟାଲକୁ ପୁନର୍ବାର ଖୋଲିବା ଏବଂ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମ୍‌ର ପ୍ରତିବଦ୍ଧତା ସାର୍ବଜନୀନ ସ୍ୱାସ୍ଥ୍ୟସେବା ବୃଦ୍ଧି କରିବାରେ କର୍ପୋରେଟ୍ ସହଭାଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଦାହରଣ ଦିଏ।





**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-UFSBI-KUR-472, ତା.11.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସୁକିନ୍ଦା ରୋଡ଼-ନୟାଗଡ଼ ସେକ୍ସନରେ UFSBI ବ୍ୟବସ୍ଥା, IB ସେକ୍ସନଗୁଡ଼ିକରେ ଦ୍ୱୈତ (Dual) UFSBI ର ଉନ୍ନତୀକରଣ ଏବଂ ଲେଭେଲ୍ କ୍ରସିଙ୍ଗ୍ ଫାଟକ 21, 26 ଓ 28କୁ ବନ୍ଦ କରିବା ନିମନ୍ତେ EI ପରିବର୍ତ୍ତନ।

**ଟେଣ୍ଡର ମୂଲ୍ୟ :** ₹ 2,47,71,894.28, EMD : ₹ 2,73,900/-, ବିଡ୍ ଆରମ୍ଭ ହେବା ତାରିଖ : ତା.16.06.2025ରିଖ

(2) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-IPS-SPD-KUR-473, ତା.11.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସ୍ଥାନରେ ପୁରୁଣା ସଂସ୍କରଣର IPS ସିଷ୍ଟମର ପୁନଃସ୍ଥାପନ ଏବଂ ସାଙ୍କେତିକ (Indicative) ପ୍ରକାର SPDର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ :** ₹ 8,01,99,783.00, EMD : ₹ 5,51,000/-, ବିଡ୍ ଆରମ୍ଭ ହେବା ତାରିଖ : ତା.19.06.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 30.06.2025, 1100 ଘଟିକା (ଟେଣ୍ଡର ସଂ.1 ପାଇଁ) ଏବଂ 03.07.2025, 1100 ଘଟିକା (ଟେଣ୍ଡର ସଂ.2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-239/Q/25-26

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

**ଷ୍ଟେସନ ଏବଂ ସ୍ଥାନ:** ସୋମ୍‌ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ)।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ:** ତା. 24.06.2025 ରିଖ 1100 ଘଟିକା।

**ନିଲାମ ଶେଷ ତାରିଖ ଓ ସମୟ:** ତା. 24.06.2025 ରିଖ 1130 ଘଟିକା।

**ଦ୍ରଷ୍ଟବ୍ୟ:** ଏହି ନିଲାମ୍ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼
PR-237/Q/25-26

**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ**

ଇ-ଟେଣ୍ଡର
ଇ-ଟେଣ୍ଡର ନୋଟିସ୍ ନମ୍ବର : ଏନ୍‌ଆଇଟି/14/25/23, ତାରିଖ: 10-ଜୁନ୍-2025

| କ୍ର. ନଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ / ଖୋଲିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| 1 | 03252938 | କେ୍‌ଏନ୍‌ଓଆର୍‌ଆର୍ ବ୍ରେମ୍‌ସ ଡିଜାଇନ୍ ପାଇଁ ବିଓଏକ୍ସଏନଏଚ୍‌ଏଲ୍ (ଏମ୍‌ବିଏସ୍)ର ବଗି ମାଉଣ୍ଟେଡ୍ ବ୍ରେକ୍ ସିଷ୍ଟମ୍ ପାଇଁ ହୋସ୍ ପାଇପ୍ ସେଟ୍ ବି.ଏମ୍.ବି.ଏସ୍. | 04.07.2025 10: 30 ଘଣ୍ଟା | 2132 ସେଟ୍ |
| 2 | 03252702 | ଏଲ.ଏଚ.ବି. ପାଇଁ ପ୍ରାଥମିକ ସ୍ପ୍ରିଙ୍ଗ | 07.07.2025 10: 30 ଘଣ୍ଟା | 496 ସଂଖ୍ୟା |

ଯେକୌଣସି ଟେଣ୍ଡରର ସଂଶୋଧନ ଜାରି କରିବାର ଅଧିକାର ରେଳବାଇ ସଂରକ୍ଷଣ କରେ, ବିକ୍ରେତାମାନେ www.ireps.gov.inରେ ଇ-କ୍ରୟ ସମ୍ବନ୍ଧୀୟ ସଂଶୋଧନ ଏବଂ ଆବଶ୍ୟକୀୟ ସୂଚନା ଦେଖିପାରିବେ।

CPR/10/PR/97 ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ, ବିଳାସପୁର ପାଇଁ

South East Central Railway @secrail

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA BHUBANESWAR**
**B-197**
**E-mail seec.bbsr2010@gmail.com**
**Bid Identification No.S.E.E.C (R&B) 05/2025-26**
**No 2012 /Date 06.06.2025/**

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.21.06.2025 at 05.00 P.M. to dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

**OIPR-34006/11/0036/2526**

Superintending Engineer
Electrical Circle (R&B) Odisha BBSR

ଭୁବନେଶ୍ୱର
୧୫ ଜୁନ୍,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27




ଭୁବନେଶ୍ୱର : ଅହମ୍ମଦାବାଦ ନିକଟରେ ଘଟିଯାଇଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ମୃତାହତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ତରଫରୁ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି । (ଫଟୋ : ସମ୍ବାଦ କଳିକା)

# ଅନବସରରେ ମହାପ୍ରଭୁଙ୍କ ମାନବୀୟ ଲୀଳା : ଓଦାବସ୍ତ୍ର ଓଲାଗି ପରେ ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ

**ପୁରୀ,୧୪/୦୬**
**ନ୍ୟୁଜ ବ୍ୟୁରୋ**



ସ୍ନାନ ପୂର୍ଣ୍ଣମୀ ବ୍ୟତୀତ ବର୍ଷ ତମାମ୍ ସୁନା କୂଅ ପାଣିର ବ୍ୟବହାର ନାହିଁ । ଏଣୁ ସୁନା କୂଅ ଜଳ ଠାକୁରଙ୍କୁ ବାଧିଲା । ଅତ୍ୟଧିକ ମାତ୍ରାରେ ସ୍ନାନ ପାଇଁ ଦାରୁବ୍ରହ୍ମଙ୍କୁ ଜ୍ୱର । ପୁରୁଷୋତ୍ତମଙ୍କ ରୀତିନୀତିରେ ପ୍ରତିଫଳିତ ମନୁଷ୍ୟର ଜୀବନ ଶୈଳୀ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମାନବ ଲୀଳା ଅବସରରେ ରୋଗର ଉପଚାର ଚାଲିଛି। ଯାନିଯାତ୍ରା ସହ ଜୀବନ ଚକ୍ରରେ ବନ୍ଧା ମହାପ୍ରଭୁଙ୍କ ଏହି ଅନବସର ସେବା । ଆତ୍ମୀୟଙ୍କ ସେବାରେ ଠାକୁରେ ଆରୋଗ୍ୟ ଲାଭ କରନ୍ତି ।

ଶୀଘ୍ର ଆରୋଗ୍ୟ କାମନା କରି ଦଇତାପତି ସେବକମାନେ ଠାକୁରଙ୍କ ଗୁପ୍ତ ପୂଜାରେ ଲାଗିଛନ୍ତି । ଦାରୁଦିଅଁଙ୍କ ଓଦା ବସ୍ତ୍ର ଉଲାଗି ପରେ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଫିଟା ନୀତି । ବର୍ଷ ତମାମ୍ ଶ୍ରୀବିଗ୍ରହଙ୍କୁ ଲାଗି ହୋଇଥିବା ଚନ୍ଦନ ଓ କରାଳ ଖୋଲାଯିବ । ଏହାପରେ ଠାକୁରେ ଫୁଲୁରି ତେଲ ଲାଗି ହେବେ । ଠାକୁରଙ୍କୁ ଓଷୁଅ ଲାଗି କରାଯିବ । ଓଷୁଅ ଲାଗି ପରେ ଠାକୁରେ ଚକାକୁ ଉଠିବେ । ଅଣସରରେ ସାଧାରଣ ମନୁଷ୍ୟ ଭଳି ଠାକୁରଙ୍କୁ ମଧ ପଥ୍ୟ, ପାଚନ ଓ ଔଷଧର ଆବଶ୍ୟକତା ପଡୁଛି। ସ୍ୱତନ୍ତ୍ର ପଣା 'ପାଚନ ପାଣି' ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଅର୍ପଣ କରାଯାଉଛି । ଅନବସରରେ ପ୍ରତି ଦିନ ଶ୍ରୀବିଗ୍ରହଙ୍କୁ ଦୁଇଥର ପଣା ଓ ଚକଟା ଭୋଗ ଅର୍ପଣ କରାଯାଉଛି । ଭୋଗରେ ଠାକୁରଙ୍କୁ କେବଳ ସର ଓ ଫଳମୂଳ ଆଦି ଲାଗି କରାଯାଉଛି । ଆସନ୍ତା ୨୦ ତାରିଖ ଶୁକ୍ରବାର ଠାକୁରଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହେବ। ଶନିବାର ଏକାଦଶୀରେ ଖଳିଲାଗି ଓ ରବିବାର ଦ୍ୱାଦଶୀରେ ରାଜପ୍ରସାଦ ବିଜେ । ଗଜପତି ମହାରାଜ ମହାପ୍ରଭୁଙ୍କ ଆରୋଗ୍ୟ ସୂଚନା ପାଇବେ। ସୋମବାର ଘଣାଲାଗି ହୋଇ ପରଦିନ ଶ୍ରୀପୟରମୁଦା ଶେଷ ହୋଇ ଠାକୁରଙ୍କ ବନକଲାଗି ଅନୁଷ୍ଠିତ ହେବ। ୨୫ ତାରିଖ ଅମାବାସ୍ୟାରେ ପୁନଃ ବନକଲାଗି ବଡ଼ି ୨୬ ତାରିଖ ଗୁରୁବାର ଠାକୁରେ ନବଯୌବନ ଦର୍ଶନ ଦେବେ । ଠାକୁରଙ୍କ ଅଣସର ବିଧିରେ ଦଇତାପତିଙ୍କ ସମେତ ତଡ଼ଉ ପଟ୍ଟନାୟକ, ଦେଉଳ କରଣ, ଚାଙ୍ଗଡ଼ାମେକାପ, କୋଠସୁଆଁସିଆ, ଚିତ୍ରକାର, ମଣ୍ଡଣି, ପୂଜାପଣ୍ଡା, ଦକ୍ଷିଣଦ୍ୱାର ପଢ଼ିଆରି, ପାଳିଆ ମୁଦୁଲି, ଭଣ୍ଡାରମେକାପ, ପ୍ରଧାନି ଓ ଦୈନିକ ନୀତି ସଂପୃକ୍ତ ସମସ୍ତ ସେବକଙ୍କ କାର୍ଯ୍ୟ ରହିଥାଏ ।

## ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ

# ଆଜିଠୁ କାନାଡା, ସାଇପ୍ରସ୍, କ୍ରୋଏସିଆ ଯିବେ ମୋଦୀ



**ନୂଆଦିଲ୍ଲୀ,୧୪।୬**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଠାରୁ ୧୯ ଜୁନ୍ ୨୦୨୫ ପର୍ଯ୍ୟନ୍ତ ତିନି ଦେଶର ଗୁରୁତ୍ୱପୂର୍ଣ୍ଣ ଯାତ୍ରାରେ ରହିବେ। ଏହି ସମୟ ମଧ୍ୟରେ ସେ ସାଇପ୍ରସ୍, କାନାଡା ଓ କ୍ରୋଏସିଆ ଯାତ୍ରାରେ ଯିବେ। ଏନେଇ ବୈଦେଶିକ ମନ୍ତ୍ରଣାଳୟ ଶନିବାର ଘୋଷଣା କରିଛି। ଯାତ୍ରା ବେଳେ ପିଏମ୍ ମୋଦୀ ସାଇପ୍ରସ୍‌ରେ ଦ୍ୱିପାକ୍ଷିକ ଆଲୋଚନା କରିବେ, କାନାଡାରେ ଜି-୭ ଶିଖର ସମ୍ମିଳନୀରେ ଭାଗ ନେବେ ଓ କ୍ରୋଏସିଆର ନେତାଙ୍କୁ ସାକ୍ଷାତ କରିବେ। ଏହି ଯାତ୍ରା ଭାରତର ବିଶ୍ୱ କୁଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରବିବାର ସାଇପ୍ରସ୍‌ର ରାଜଧାନୀ ନିକେସିଆରେ ପହଞ୍ଚିବେ। ଏହା ଦୁଇ ଦଶକରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ସାଇପ୍ରସ୍‌ର ପ୍ରଥମ ଯାତ୍ରା ହେବ। ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲାଇଡସ୍‌ଙ୍କ ନିମନ୍ତ୍ରଣରେ ଯାତ୍ରା କରିବେ ଶ୍ରୀ ମୋଦୀ। ସେଠାରେ ସେ ନିକୋସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହାଛଡା ସେ ଲିମାସୋଲରେ ଉଦ୍ୟୋଗପତିଙ୍କୁ ସମ୍ବୋଧିତ କରିବେ। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁସାରେ,ଏହି ଯାତ୍ରା ଭାରତ ଓ ସାଇପ୍ରସ୍ ଭିତରେ ସମ୍ପର୍କକୁ ଅଧିକ ସୁଦୃଢ କରିବ। ଏହା ସହ ଭୂମଧ୍ୟସାଗରୀୟ ତଥା ୟୁରୋପୀୟ ସଂଘ ସହ ଭାରତର ଭାଗିଦାରୀକୁ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ।

ସାଇପ୍ରସ୍ ଯାତ୍ରାକୁ ରାଜନୈତିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି । ୨୦୨୩ରେ ନୂଆଦିଲ୍ଲୀରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀ ବେଳେ ଆରମ୍ଭ ହୋଇଥିବା ଭାରତ-ମଧ୍ୟପୂର୍ବ-ୟୁରୋପ ଆର୍ଥିକ କରିଡରରେ ସାଇପ୍ରସ୍‌କୁ ଏକ ସମ୍ଭାବିତ ଭାଗିଦାର ରୂପରେ ଦେଖାଯାଉଛି। ଏହି ଯାତ୍ରା ତୁର୍କୀକୁ ମଧ୍ୟ ଏକ କୁଟନୈତିକ ବାର୍ତ୍ତା ଦେଇପାରେ। ନିକଟରେ ଅପରେସନ୍ ସିନ୍ଦୂର ବେଳେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିଲା। ସାଇପ୍ରସ୍ ପରେ ଶ୍ରୀ ମୋଦୀ କାନାଡାର ଆଲବର୍ଟା ପ୍ରଦେଶର କନାନାସ୍କିସ୍‌ରେ ୧୬-୧୭ ଜୁନ୍‌ରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବେ। କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣରେ ଭାରତକୁ ଏହି ଶିଖର ସମ୍ମିଳନୀକୁ ଆମନ୍ତ୍ରଣ କରାଯାଇଛି। ଏହା ଭାରତର ଲଗାତାର ଷଷ୍ଠ ଜି-୭ ଶିଖର ସମ୍ମିଳନୀ ହେବ।

# ଜଳ ଓ ଭେକ୍ଟର ବାହିତ ରୋଗ ନିରାକରଣ କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୪/୦୬**
**ନ୍ୟୁଜ ବ୍ୟୁରୋ**
ଯାଜପୁର ଓ ଭଦ୍ରକ ଜିଲ୍ଲାରେ ହଇଜା ବ୍ୟାପିଛି । ଏହା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ମିଶ୍ର କହିଥିଲେ, ଦୁଇ ଜିଲ୍ଲାର ଯେଉଁସବୁ ସ୍ଥାନରେ ହଇଜା ବ୍ୟାପିଛି ସେଠାରେ ସର୍ବେକ୍ଷଣ ଓ ଡାକ୍ତରୀ ଦଳ କାର୍ଯ୍ୟରତ ଅଛନ୍ତି । ଆକ୍ରାନ୍ତଙ୍କ ଠାରୁ ସଂଗ୍ରହ କରାଯାଇଥିବା ୪୧ଟି ଝାଡ଼ା ନମୁନା ମଧ୍ୟରୁ ୮ଟିରେ କଲେରା ପଜିଟିଭ୍ (ଭିବ୍ରିଓ କଲେରା) ଚିହ୍ନଟ ହୋଇଛି । ସଂପୃକ୍ତ ଅଞ୍ଚଳରେ ୧୦ ଦିନ ମଧ୍ୟରେ ବିଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷାଋତୁର ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗ ଗୁଡିକର ନିରାକରଣ, ପ୍ରତିଷେଧ ଓ ପରିଚାଳନା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲକ୍ଷ୍ୟଭେଦୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ସଭାଗୃହଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରି ଶ୍ରୀ ଆହୁଜା ଏହି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ସଦ୍ୟତମ ତଥ୍ୟ ଓ ତତ୍ ସମ୍ବନ୍ଧୀୟ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବୈଠକରେ ମୁଖ୍ୟତଃ ବର୍ଷା ଦିନିଆ ରୋଗ ଯଥା ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ, ଡେଙ୍ଗୁ ଆଦି ରୋଗର ପ୍ରତିରୋଧ ଓ ଚିକିତ୍ସା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ଜିଲ୍ଲାୱାରୀ ସ୍ଥିତିର ସମୀକ୍ଷା କରି କ୍ଷେତ୍ରସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା, ଘରକୁ ଘର ସର୍ବେକ୍ଷଣ କରି ଆରମ୍ଭରୁ ରୋଗର ଚିହ୍ନଟ କରିବା, ସରକାରୀ



ଡ଼ାକ୍ତରଖାନା ମାନଙ୍କରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍‌ପିଟାଲମାନଙ୍କରେ ଆବଶ୍ୟକୀୟ ଔଷଧ ଓ ସାଲାଇନ୍ ଆଦି ମହଜୁଦ ରଖିବା ଆଦି ନିଶ୍ଚିତ କରାଇବା ପାଇଁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଥିଲେ । ଆଶାକର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ, କମ୍ୟୁନିଟି ହେଲଥ୍ ୱାର୍କର ଆଦି କ୍ଷେତ୍ରସ୍ତରୀୟ କର୍ମୀମାନଙ୍କୁ ସଠିକ୍‌ଭାବେ ଅନୁପ୍ରେରିତ କରି ଗ୍ରାମ ଓ ୱାର୍ଡ ସ୍ତରରେ ସମସ୍ତ ରୋଗ ପ୍ରତିରୋଧ କାର୍ଯ୍ୟକ୍ରମ ଦୃଢ଼ୀଭୁତ କରିବାକୁ ବୈଠକରେ ସ୍ଥିର ହୋଇଥିଲା । ଗ୍ରାମ ଓ ସହରାଞ୍ଚଳରେ ଥିବା ସମସ୍ତ ନଳକୂପ ଓ ପାନୀୟ ଜଳସ୍ରୋତକୁ ନିୟମିତ ଭାବେ ବିଶୋଧିତ କରିବା ପାଇଁ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାନୁଷ୍ଠାନ ପରିସରରେ ଥିବା ନଳକୂପ, କୂପ ଓ ପାଣିଟାଙ୍କି ଆଦିକୁ ବୈଜ୍ଞାନିକ ପଦ୍ଧତିରେ ସଠିକ ଭାବେ ବିଶୋଧିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଦୂରଦୂରାନ୍ତ ଅଞ୍ଚଳରେ ମୋବାଇଲ୍ ହେଲଥ୍ ୟୁନିଟ୍ ଗୁଡିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବଙ୍କୁ ପରାମର୍ଶ ଦିଆଯାଇଥିଲା । ମ୍ୟାଲେରିଆ ଓ ଡେଙ୍ଗୁ ପ୍ରବଣ ଅଞ୍ଚଳମାନଙ୍କରେ "ଦମନ" କାର୍ଯ୍ୟକ୍ରମକୁ ସଘନ ଓ ବ୍ୟାପକ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବର୍ଷାଋତୁଜନିତ ରୋଗର ସର୍ବେକ୍ଷଣ, ଚିକିତ୍ସା ଓ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ମଧ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଯାଜପୁର ଓ ଭଦ୍ରକ ଜିଲ୍ଲାର କେତେକ ଯାଗାରେ ଦେଖାଦେଇଥିବା ଡାଇରିଆ ରୋଗ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଥିଲେ ଯେ ଏସବୁ ସ୍ଥାନରେ ସର୍ବେକ୍ଷଣ ଓ ଡାକ୍ତରୀ ଦଳ କାର୍ଯ୍ୟରତ ଅଛନ୍ତି । ସଂଗ୍ରହ କରାଯାଇଥିବା ୪୧ ଟି ଝାଡ଼ା ନମୁନା ମଧ୍ୟରୁ ୮ ଟିରେ କଲେରା ପଜିଟିଭ୍ ସଙ୍କେତ ମିଳିଛି । ୧୦ ଦିନ ମଧ୍ୟରେ ବିଶୋଧନ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବ୍ୟାପକ ସଚେତନତା, କ୍ଷେତ୍ରସ୍ତରୀୟ ପ୍ରତିଷେଧ ଓ ପ୍ରାଥମିକ ସ୍ତରରେ ଚିହ୍ନଟ ଓ ଚିକିତ୍ସା ଆଦି ମାଧ୍ୟମରେ ସ୍ଥିତି ନିୟନ୍ତ୍ରଣାଧିନ ଅଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଜଣାଇଥିଲେ। ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲା ନିରୀକ୍ଷଣ ଦାୟିତ୍ୱରେ ଥିବା ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ଏବଂ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ଯାଜପୁରରୁ କ୍ଷେତ୍ରୀୟ ସ୍ଥିତି ଓ ଜାରି ରହିଥିବା ପ୍ରତିକାରାତ୍ମକ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ଉଲ୍ଲେଖଯୋଗ୍ୟ, କେବଳ ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାୟ ୧ ହଜାରରୁ ଅଧିକ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଏବେବି ଚିକିତ୍ସାଧୀନ ଅଛନ୍ତି । ତେବେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ ଜିଲ୍ଲାରେ ଝାଡ଼ାବାନ୍ତିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୪୫ ଜଣ ଚିକିତ୍ସାଧୀନ ଅଛନ୍ତି ।

# ରାଜଧାନୀରେ ଡାଇରିଆ ଶତାଧିକ ଆକ୍ରାନ୍ତ

**ଭୁବନେଶ୍ୱର, ୧୪/୦୬**
**ନ୍ୟୁଜ ବ୍ୟୁରୋ**
ରାଜଧାନୀକୁ ବି ଡାଇରିଆ ଭୟ । ଯାଜପୁର, ଭଦ୍ରକ ପରେ ଏବେ ଭୁବନେଶ୍ୱର ପାଳି । ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ଝାଡ଼ାବାନ୍ତିରେ ଶତାଧିକ ଲୋକେ ଆକ୍ରାନ୍ତ ହୋଇଛନ୍ତି । ସ୍ୱରେଜ ଜଳ ଓ ପାନୀୟ ଜଳ ମିଶିଯିବାରୁ ଏଭଳି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ଆପାର୍ଟମେଣ୍ଟକୁ ପାନୀୟ ଜଳ ସଂଯୋଗ ନଥିବା ଏବଂ ଭୂତଳ ଜଳ ପିଉଥିବାରୁ ଝାଡ଼ାବାନ୍ତି ରୋଗ ବ୍ୟାପୁଥିବା ଅଭିଯୋଗ ହୋଇଛି । ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ଦୁଇରୁ ତିନି ମାସ ହେଲା ଆପାର୍ଟମେଣ୍ଟର ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଲେଣି ଏବଂ ହସ୍ପିଟାଲରେ ଚିକିତ୍ସା ପରେ ସୁସ୍ଥ ହୋଇ ଫେରୁଛନ୍ତି । ପାନୀୟ ଜଳରେ ସ୍ୱରେଜ ଜଳ ମିଶୁଥିବାରୁ ଜଳ ଦୂଷିତ ହେଉଛି । ଏହାକୁ ପିଇ ଝାଡ଼ାବାନ୍ତିରେ ପଡୁଛନ୍ତି । ଏହି ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସ୍ୱାସ୍ଥ୍ୟ ଅଧିକାରୀମାନେ ଆସି ବିଭିନ୍ନ ପରାମର୍ଶ ଦେଇଥିଲେ ହେଁ ଝାଡାବାନ୍ତି ଲାଗି ରହିଥିବା ସେ ଅଭିଯୋଗ କରିଛନ୍ତି ।

# ଋଣ ଯୋଗାଣ ଦୃଢ଼ୀକରଣ ଉପରେ ସମୀକ୍ଷା କରିବେ ନିର୍ମଳା ସୀତାରମଣ



**ନୂଆଦିଲ୍ଲୀ,୧୪/୦୬**
ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ମାସ ୨୭ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ । ସେ ବ୍ୟାଙ୍କ ଗୁଡ଼ିକର କାର୍ଯ୍ୟଧାରା ଏବଂ ଋଣ ଯୋଗାଣ ସ୍ଥିତିର ସମୀକ୍ଷା କରିବେ । ସେହିଭଳି ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନରେ ବ୍ୟାଙ୍କଗୁଡ଼ିକର ଭୂମିକା ନେଇ ମଧ ଏହି ବୈଠକରେ ଆଲୋଚନା ହେବ। ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ୫୦ ବେସିସ ପଏଣ୍ଟ ହ୍ରାସ କରିବା ପରେ ଏହା ଅର୍ଥମନ୍ତ୍ରୀଙ୍କ ପ୍ରମୁଖ ସମୀକ୍ଷା ବୈଠକ । ତେବେ ଆଗାମୀ ବୈଠକରେ ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ଚଳିତ ଆର୍ଥିକ ବର୍ଷ ଲାଗି ନୂଆ ଟାର୍ଗେଟ ଦେବେ। ମନ୍ଥର ଅର୍ଥନୀତିକୁ ତ୍ୱରିତ କରିବା ଲାଗି ଋଣ ଯୋଗାଣ ଧାରାକୁ ଆହୁରି ଦୃଢ଼ କରିବା ଲାଗି ମଧ ଅର୍ଥମନ୍ତ୍ରୀ ବ୍ୟାଙ୍କ ଗୁଡ଼ିକୁ ପରାମର୍ଶ ପ୍ରଦାନ କରିବେ। ଏଥିରେ କିଶାନ କ୍ରେଡିଟ କାର୍ଡ ସ୍କିମ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନାର ସମୀକ୍ଷା ହେବ । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକ ଆର୍ଥିକ ବର୍ଷ ୨୦୨୪-୨୫ରେ ରେକର୍ଡ ୧.୭୮ ଲକ୍ଷ କୋଟିର ଲାଭ ହାସଲ କରିଥିବା ବେଳେ ଏଭଳି ସ୍ଥିତିରେ ଅର୍ଥମନ୍ତ୍ରୀଙ୍କ ସମୀକ୍ଷା ବୈଠକ ହେଉଛି। ଏବେ ରେପୋ ରେଟ୍ ୫.୫% ସ୍ତରରେ ଥିବା ବେଳେ କ୍ୟାସ ରିଜର୍ଭ ରେସିଓ (ସିଆରଆର) ୧୦୦ ବେସିସ ପଏଣ୍ଟ ହ୍ରାସ ହୋଇ ୩% ସ୍ତରରେ ରହିଛି । ସିଆରଆରର ପରିବର୍ତ୍ତିତ ନିଷ୍ପତ୍ତି ପର୍ଯ୍ୟାୟ ଭିତ୍ତିରେ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହା ଦ୍ୱାରା ବଜାର ବ୍ୟବସ୍ଥାକୁ ୨.୫ ଲକ୍ଷ କୋଟି ଟଙ୍କା ଆସିବ । ଫଳରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ଏବଂ ଏହା ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ୬ ଜଣିଆ ମୁଦ୍ରାନୀତି କମିଟି ରେପୋ ରେଟ୍ ହ୍ରାସ ନେଇ ଭୋଟ କରିଥିଲେ। ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନେଇଛି ଆରବିଆଇ। ରେପୋ ରେଟ୍ ହ୍ରାସ ପରେ ଏହା ୪ ବର୍ଷର ସର୍ବନିମ୍ନ ସ୍ତରକୁ ହ୍ରାସ ହୋଇଛି ।



ଭୁବନେଶ୍ୱର : 'ସମ୍ବାଦ କଳିକା' ପରିସରରେ ମହିଳା କର୍ମଚାରୀମାନଙ୍କ ଦ୍ୱାରା ପ୍ରଥମ ଦିନର ରଜ ଉତ୍ସବ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଉତ୍ସବରେ ପୋଡ଼ପିଠା ଏବଂ ରଜ ପାନର ଆସର ବେଶ୍ ଆକର୍ଷଣୀୟ ହୋଇଥିଲା।

# ରଜ ବଜାରରେ ସୋନାଚାନ୍ଦି ପାନ ଓ ରାଜସ୍ଥାନୀ ମସଲାର ଚାହିଦା ବେଶି

**ଭୁବନେଶ୍ୱର,୧୪/୦୬ନ୍ୟୁଜ ବ୍ୟୁରୋ**
ଘରଠୁ ବାହାର, ଗାଁରୁ ସହର, ଅତିଥି ଚର୍ଚ୍ଚା ହେଉ କି ଖୁସିର ଅବସର; କାହିଁ କେତେ କାଳରୁ ପାନ ସାଜିଛି ଆମ ଚଳଣିର ସାଥୀ। ଆସିଛି ରଜ । ଦୋଳି, ପୋଡ଼ପିଠା ଭଳି ରଜରେ ପାନ ଖିଆ ବି ଜମିଛି । ରଜରେ ପାଟି ନାଲି ନ ହେଲେ କୁଆଁରୀ ମନ ଫିକା ପଡ଼ିଯାଏ। ଏଣୁ ବରଷକ ଯାକ ପାନ ଖାଉନଥିବା ଲୋକ ବି ରଜରେ ପାନ ଖଣ୍ଡେ ନିହାତି ଖାଆନ୍ତି । ଆଉ ପାନ ଖାଇବା ସହିତ ପ୍ରିୟଜନଙ୍କୁ ପାନ ବାଣ୍ଟି ଶୁଭେଚ୍ଛା ଜଣାଇଥାନ୍ତି ।



ଏବେ ଯୁବପିଢ଼ିଙ୍କୁ ପାନ ଆଡ଼କୁ ଆକର୍ଷିତ କରିବାକୁ ବିଭିନ୍ନ ସ୍ଥାନରେ ମିଳୁଛି 'ଆଇସ୍ ପାନ', 'ଫାୟାର ପାନ', 'ଦିଲ୍ ବାହାର୍', 'ଦିଲ୍ ଦିବାନା', 'ଦିଲ୍‌ବାଲା', 'ଲଡ୍ଡୁ ପାନ', 'ପାନ ସଟ୍‌ସ୍', 'ପାନ ଲସି', 'ପାନ ସେକ୍', 'ରସ୍‌ମଲାଇ ପାନ' ଓ 'ରାବିଡ଼ି ପାନ'। ହେଲେ ଏଥର ରଜ ବଜାରରେ ସ୍ୱତନ୍ତ୍ର ଆକର୍ଷଣରେ ରହିଛି ସୋନାଚାନ୍ଦି ପାନ। ପାନ ପତ୍ର ଭିତରେ ଚୂନ ଲଗାଇ ସେଥିରେ ଗିଲା, ନବରତ୍ନ ଚଟ୍‌ନି, ଫ୍ଲେବର ଚଟ୍‌ନି, ଚମନବାହାର, ପାନ୍ ରସ୍‌ନା, ଧନିଆ, ଗୁଜୁରାତି, ଅଳସୀ, ମସୁରୀ, ମାୱା, କେଶର, ଟିଟାନିକ୍, ରିମ୍‌ଝିମ୍, ପାନ୍ ସୁପାରି, ଗୁଲ୍‌କନ୍ଦ ଆଦି ଦେଇ ତା' ଉପରେ ସୁନେଲି ଓ ରୁପେଲି ରଙ୍ଗର ଫଏଲ୍‌ରେ ଚେରି ଗୁନ୍ଥା ଯାଇଥାଏ। ଏହାର ଦାମ୍ ଗୋଟାକୁ ୫୦୦ ଟଙ୍କା ରହିଛି। ବାସ୍ତବରେ ଏଥିରେ ବ୍ୟବହାର କରାଯାଉଥିବା ଗୋଲ୍‌ଡେନ୍ (ସୁନେଲୀ) ଫଏଲ୍ ଖାଇବା ଉପଯୋଗୀ ହୋଇଥିବା ବେଳେ କେବଳ ଗୋଟେ ଫଏଲ୍‌କୁ ୨୫୦ ଟଙ୍କା ପଡ଼ିଥାଏ। ଏହି ଗୋଲ୍‌ଡେନ୍ ଫଏଲ୍ ସହ ସମସ୍ତ ପ୍ରକାର ମସଲା ରାଜସ୍ଥାନର ଜୟପୁରରୁ ମଗାଯାଇଥାଏ।

ମସଲାଗୁଡ଼ିକ ଗୋଟେ କେଜିକୁ ୩୫୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ବୋଲି ସହିଦନଗର ବନାରସୀ ପାନ ଭଣ୍ଡାରର ରମାକାନ୍ତ ସେନାପତି କହିଛନ୍ତି। ଏଥିସହ ବିଭିନ୍ନ ପାନ ସହ ପାନ ସୁପ୍ ମଧ ଏବେ ରଜ ବଜାରରେ ଉପଲବ୍ଧ। ତେବେ ରଜ ବଜାରରେ ପାନ ଅପେକ୍ଷା ପାନରେ ଦିଆଯାଉଥିବା ମସଲାକୁ ନେଇ କ୍ରେଜ୍ ଅଧିକ ରହିଥାଏ। ଏଣୁ ରାଜଧାନୀରେ ବିଭିନ୍ନ ପ୍ରକାର ଡ୍ରାଏଫ୍ରୁଟ ସହ ଗଭା ଜେଲି, ବନ୍ଧୁମିଳନ, ଚେରି ସୁପାରି, ଚନ୍ଦନ କସ୍ତୁରୀ, ଖଜୁରୀ ମକା, ଚିକେନ୍ ସୁପାରି, ଲିଚୁ ଜେଲି, ବ୍ଲାକବେରି ଜେଲି, ଅରେଞ୍ଜ ଜେଲି, ମସ୍ତୁରି ଗୁଆ, କଳା ମାଣିକ, ମଲ୍ଲୀ ରାଇସ୍, ଅନାସି ଫୁଲ, ଜାଇଫଳ, କାଦମ୍ବରୀ ଆଦି ମସଲା ପାନରେ ବ୍ୟବହାର କରାଯାଉଛି । ଯାହାକି ସ୍ୱାସ୍ଥ୍ୟ ସଚେତନ ରାଜଧାନୀବାସୀଙ୍କୁ ପାନ ପ୍ରେମରେ ପକାଉଛି। ଏହାର ଦାମ୍ ୨୫ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି। ବିଭିନ୍ନ ପ୍ରକାରର ପାନ ମଧ ଅନ୍‌ଲାଇନ୍‌ରେ ଉପଲବ୍ଧ ହେଉଛି। ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଗଣପର୍ବ ରଜଉତ୍ସବ ପାଳନ ହେଉଛି। ଶନିବାର ପହିଲି ରଜ ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନରେ ଓଡ଼ିଆଣୀଙ୍କ ରଜମଉଜ ଅନୁଷ୍ଠିତ ହୋଇଛି। ୨୦ ବର୍ଷ ଧରି ଅନୁଷ୍ଠାନ ପକ୍ଷରୁ ମହାସମାରୋହରେ ରଜଉତ୍ସବ ପାଳନ କରାଯାଉଛି। ସନ୍ଧ୍ୟା ୫ଟାରୁ ଆୟୋଜିତ ହେଉଥିବା ଏହି ଉତ୍ସବରେ ରଜପାନ, ପୋଡ଼ପିଠା, ରଜ କବିତା ଓ ରଜଗୀତକୁ ନେଇ ଏହା ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ସଂଭାବନା ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସମ୍ପାଦିକା ରେଖା ସାହୁ, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଓ ଜ୍ୟୋତ୍ସ୍ନାମୟୀ ସେନାପତି ପ୍ରମୁଖ ନିବେଦନ କରିଛନ୍ତି।

## ନନ୍ଦନକାନନ ସରୀସୃପ ଉଦ୍ୟାନକୁ ଆସିବ ନୂଆ ଅତିଥି

# ମା' ହେବାକୁ ଯାଉଛନ୍ତି ଦୁଇ ଆନାକୋଣ୍ଡା

**ବାରଙ୍ଗ,୧୪/୦୬**
**ନ୍ୟୁଜ ବ୍ୟୁରୋ**
ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସରୀସୃପ ଉଦ୍ୟାନରେ ରହୁଥିବା ଦୁଇଟି ଆନାକୋଣ୍ଡା ମା'ହେବାକୁ ଯାଉଛନ୍ତି । ସେମାନଙ୍କୁ ପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇ ଏକ୍ସରେ କରାଯିବା ପରେ ପେଟରେ ଛୁଆ ଥିବା ଜଣାପଡ଼ିଥିଲା ।




୨୦୨୨ ଜୁଲାଇ ମାସରେ ପ୍ରାଣୀ ଉଦ୍ୟାନରେ ପ୍ରଥମେ ଗୋଟିଏ ଆନାକୋଣ୍ଡା ୯ଟି ଛୁଆ ଜନ୍ମ ଦେଇଥିଲା । ଯାହା ନନ୍ଦନକାନନ ଇତିହାସରେ ପ୍ରଥମ । ପୁଣି ପ୍ରାୟ ୩ ବର୍ଷର ବ୍ୟବଧାନ ପରେ ଦୁଇଟି ଆନାକୋଣ୍ଡା ଏକସଙ୍ଗରେ ମା' ହୋଇଥିବା ଜଣାପଡ଼ିଛି । ଜୁଲାଇ ଦ୍ୱିତୀୟ ସପ୍ତାହରେ ସେମାନେ ଶାବକ ଜନ୍ମ ଦେବେ ବୋଲି ଅନୁମାନ କରାଯାଉଛି ।

ଗତ ଫେବୃୟାରୀ ଶେଷ ସପ୍ତାହରେ ସେମାନଙ୍କ ମଧ୍ୟରେ ମିଳନ ହୋଇଥିବା ଅନୁମାନ କରାଯାଉଛି । ଫେବୃୟାରୀ ମାସରୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ କର୍ମଚାରୀ ଓ ଚିକିତ୍ସକ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ତାଙ୍କ ଉପରେ ନଜର ରଖିଛନ୍ତି। ୨୦୧୯ ନଭେମ୍ବର ମାସରେ ମାଡ୍ରାସର କ୍ରୋକୋଡ଼ାଇଲ ଟ୍ରଷ୍ଟରୁ ୮ଟି ଆନାକୋଣ୍ଡା ଅଣାଯାଇଥିଲା। ଜନ୍ମ ଓ ମୃତ୍ୟୁ ପରେ ଏବେ ପ୍ରାଣୀ ଉଦ୍ୟାନରେ ୭ଟି ଆନାକୋଣ୍ଡା ଅଛନ୍ତି । ସେମାନଙ୍କ ମଧ୍ୟରୁ ୨ଟି ଅଣ୍ଡିରା, ୨ଟି ମାଈ ଓ ୩ଟି ଶାବକର ଲିଙ୍ଗ ନିରୁପଣ ହୋଇପାରିନାହିଁ ।